## ସଂକ୍ଷେପରେ

### ଭୋଗରାଇ ଟପ୍ପର ଶୁଭାଶିଷ



**ଭୋଗରାଇ,୩।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆର୍.ଆଇ.ଏଚ୍.ଏସ୍) ମହାବିଦ୍ୟାଳୟର ଯୁକ୍ତ୨ ବିଜ୍ଞାନ ଛାତ୍ର ଶୁଭାଶିଷ ଜେନା ୫୦୨ ନମ୍ବର ରଖି ଉଚ୍ଚମାଧମିକ ବାର୍ଷିକ ପରୀକ୍ଷାରେ ଭୋଗରାଇରେ ଟପ୍ପର ହୋଇଛନ୍ତି। ସେ ଏହି ସଫଳତା ଲାଗି ମାତା, ପିତା, କଲେଜର ବିଜ୍ଞାନ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ଡାକ୍ତରୀ ପାଠ ପଢ଼ି ଲୋକଙ୍କ ସେବା କରିବା ତାଙ୍କର ସ୍ୱପ୍ନ ବୋଲି ସେ କହିଛନ୍ତି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଖଇରା,୩।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ରଟିଣା ଗ୍ରାମର କୀର୍ତ୍ତନ ଶଂଖୁଆ ନାମକ ଜଣେ ଯୁବକ ରବିବାର ରାତିରେ ଅସ୍ୱାଭାବିକ ଭାବେ ମୃତ୍ୟୁବରଣ କରିଛନ୍ତ। ସେ ରାତିରେ ଖାଇପିଇ ଶୋଇଥିବାବେଳେ ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସକ୍ରାନ୍ତରେ ଖଇରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୧୯) ରୁଜୁ କରାଯାଇଛି।

### ଆକ୍ରମଣ ଘଟଣାରେ ୩ କୋର୍ଟ ଚାଲାଣ

**ବାଲିଆପାଳ,୩।୬(ଡି.ଏନ.ଏ.):** ଖବରଦାତା ପ୍ରତାପ ଚନ୍ଦ୍ର ପାତ୍ରଙ୍କୁ ଆକ୍ରମଣ କରାଯିବା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଢ଼ାପାଳ ଗ୍ରାମର ଗଗନ ବେହେରା, ରାକେଶ ଜେନା ଓ ରାଧାକୃଷ୍ଣ ଜେନା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ ୨ଜଣଙ୍କୁ ପୋଲିସ ଗିରଫ କରି ପାରି ନାହିଁ। ଖବରଦାତା ପ୍ରତାପ ଗୁରୁବାର ରାତିରେ ନିଜ ଘର ଡାଲୁଆ-୨କୁ ଫେରୁଥିବା ବେଳେ ବାଲିଆପାଳ କର୍ମଦା ରାସ୍ତାର ଗଡାପୋଲଠାରେ ୫ ଜଣ ଦୁର୍ବୃତ୍ତ ତାଙ୍କ ଗାଡି ଅଟକାଇ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏହି ଫେରାର ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ପୋଲିସ କହିଛି।

### ଏଟିଏମ ଭାଙ୍ଗି ଲୁଟ୍ ଉଦ୍ୟମ

**ସିମୁଳିଆ,୩।୬(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ଅନ୍ତରା ବଜାର ନିକଟରେ ଥିବା ଏସ୍‌ବିଆଇର ଏଟିଏମ୍ କାଉଣ୍ଟର ଭାଙ୍ଗି ଲୁଟ ଉଦ୍ୟମ କରୁଥିବା ବେଳେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ୪ଜଣ ଦୁର୍ବୃତ୍ତ ଫେରାର ରହିଛନ୍ତି। ଗତ ରବିବାର ବିଳମ୍ବିତ ରାତିରେ ଏଟିଏମ୍ କାଉଣ୍ଟର ଭାଙ୍ଗିବାକୁ ଉଦ୍ୟମ କରାଯାଉଥିବା ଦେଖି ଡ୍ୟୁଟିରେ ଥିବା ଜଣେ ହୋମଗାର୍ଡ ବଜାର ଜଗିଥିବା ଯୁବକମାନଙ୍କୁ ଫୋନ୍ ଯୋଗେ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ଯୁବକମାନେ ପହଁଚିବାରୁ ଦୁର୍ବୃତ୍ତମାନେ ମୋଟରସାଇକେଲ ଯୋଗେ ଫେରାର ହୋଇଯିବା ପାଇଁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଧରାପଡିଯାଇଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୧୪୮/୧୯)ରୁଜୁ କରି ତଦନ୍ତ ଚଳାଇଛି।

### 'ଫନୀ' କ୍ଷତିଗ୍ରସ୍ତଙ୍କୁ ସହାୟତା

**ବାଲେଶ୍ୱର ଅଫିସ,୩।୬:** ବାଲେଶ୍ୱର ସଦର ବ୍ଲକ ହଳଦୀପଦା ସ୍ଥିତ ସଦ୍‌ଗୁରୁ ଶିବମୁନି ଯୋଗ ସେବାଶ୍ରମ ପକ୍ଷରୁ ସୋମବାର ପୂର୍ବାହ୍ନରେ 'ଫନୀ' କ୍ଷତିଗ୍ରସ୍ତଙ୍କ ପାଇଁ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଯୋଗାଚାର୍ଯ୍ୟ କମଳାକାନ୍ତ ପାଣିଗ୍ରାହୀ, ଯୋଗୀ ଅନନ୍ତ ପ୍ରଧାନ, ଲମ୍ବୋଧର ସାହୁ ଓ ସୁବ୍ରତ କୁମାର ରାଉତ ଉପସ୍ଥିତ ଥିଲେ।

## ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶିତ

# ପାସ୍ ହାରରେ ବାଲେଶ୍ୱର ରାଜ୍ୟରେ ପ୍ରଥମ

**ବାଲେଶ୍ୱର ଅଫିସ,୩।୬**

**ଜିଲାରେ କିରଣ୍ମୟୀ ଟପ୍ପର, ପ୍ରୀତିଶ, ଅନିଶା ଦ୍ୱିତୀୟ ସ୍ଥାନରେ**

ଏଥର ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇ ପାସ୍ ହାର ଦୃଷ୍ଟିରୁ ବାଲେଶ୍ୱର ଜିଲା ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି। ବାହାନଗା ବ୍ଲକ୍ ଗୋପାଳପୁର ମହାବିଦ୍ୟାଳୟର ଛାତ୍ରୀ କିରଣ୍ମୟୀ ବାରିକ ୫୪୮ ନମ୍ବର ରଖି ଜିଲାରେ ଟପ୍ପର ହୋଇଛନ୍ତି। ସେହିପରି ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଛାତ୍ର ପ୍ରୀତିଶ୍ ବେହେରା ଓ ଶେରଗଡ଼ସ୍ଥିତ ଇମା ଇଣ୍ଟରନ୍ୟାଶନାଲ ହାୟର ସେକେଣ୍ଡାରି ସ୍କୁଲର ଛାତ୍ରୀ ଅନିଶା ଦାସମହାପାତ୍ର ଉଭୟ ୫୪୫ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଏବଂ ଇମା ଇଣ୍ଟରନ୍ୟାଶନାଲ ହାୟର ସେକେଣ୍ଡାରି ସ୍କୁଲର ଛାତ୍ରୀ କାବେରୀ ଜେନା ୫୪୨ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ଚଳିତ ବର୍ଷ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ରାଜ୍ୟର ୯୭,୭୫୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭୦,୭୦୬ ଅର୍ଥାତ୍ ୭୨.୭୩% ପାସ୍ କରିଛନ୍ତି। ୨୦୧୮ ପରୀକ୍ଷା ଫଳଠାରୁ ଏହି ପାସ୍ ହାର କମ୍ ରହିଛି। ୨୦୧୮ ମସିହାରେ ୯୫,୦୯୬ ଜଣ ପରୀକ୍ଷା ଦେଇଥିବାବେଳେ ୭୩,୨୧୧ଜଣ ଅର୍ଥାତ୍ ୭୬.୭୮% ପାସ୍ କରିଥିଲେ। ଏଥର ବାଲେଶ୍ୱର ଜିଲାରେ ମୋଟ୍ ୧୭୯ଟି କଲେଜର ୬,୬୩୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୩ ଜଣ ମାଲ୍ ପ୍ରାକ୍ଟିସ୍‌ରେ ବୁକ୍ ହୋଇଥିବାବେଳେ ପ୍ରଥମ ଶ୍ରେଣୀରେ ୨,୨୧୦ଜଣ, ଦ୍ୱିତୀୟ ଶ୍ରେଣୀରେ ୨,୧୫୩ ଜଣ, ତୃତୀୟ ଶ୍ରେଣୀରେ ୧,୩୭୦ ଏବଂ କମ୍ପାର୍ଟମେଣ୍ଟାଲରେ ୩୫ ଜଣ ପାସ୍ କରିଛନ୍ତି। ମୋଟାମୋଟି ୫,୭୬୮ ଜଣ ଅର୍ଥାତ୍ ୮୬.୫୬% ପାସ୍ କରିଥିବା ଯୁକ୍ତ୨ କାଉନ୍‌ସିଲର ଡେପୁଟି କଣ୍ଟ୍ରୋଲର ପ୍ରଶାନ୍ତ ଦାସ ପ୍ରକାଶ କରିଛନ୍ତି।

**ମାତାପିତାଙ୍କୁ ଶ୍ରେୟ ଦେଲେ କିରଣ୍ମୟୀ**

ଅଧିକ ନମ୍ବର ରଖି ଜିଲାରେ ଟପ୍ପର ହୋଇଥିବା ବାହାନଗା ବ୍ଲକ୍ ଗୋପାଳପୁର ମହାବିଦ୍ୟାଳୟର ଛାତ୍ରୀ କିରଣ୍ମୟୀ ବାରିକ କହିଛନ୍ତି, ସେ ଦିନକୁ ୮ରୁ୧୦ ଘଣ୍ଟା ପଢୁଥିଲେ। ଜିଲାରେ ଟପ୍ପର ହୋଇଥିବାରୁ ସେ ଆନନ୍ଦିତ। ଏହି ସଫଳତା ପାଇଁ ସେ ମା' ଓ ବାପାଙ୍କ ପ୍ରେରଣା, ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପକଙ୍କ ମାର୍ଗଦର୍ଶନ ଲାଗି ସେମାନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି। ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହୋଇ ଲୋକଙ୍କ ସେବା କରିବେ ବୋଲି ସେ କହିଛନ୍ତି।



କିରଣ୍ମୟୀ ବାରିକ

**'ବାପାଙ୍କ ସ୍ୱପ୍ନ ସାକାର କରିବି'**

ଜିଲାରେ ଦ୍ୱିତୀୟ ସ୍ଥାନ ପାଇଥିବା ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ପ୍ରୀତୀଶ୍ ବେହେରା ଖଇରା ବ୍ଲକ ରଣସାହି ଅଞ୍ଚଳର ସ୍ନେହଲତା ଓ ପ୍ରଶାନ୍ତ ବେହେରାଙ୍କ ପୁତ୍ର। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ତାଙ୍କ ବାପାଙ୍କ ସ୍ୱପ୍ନ ସାକାର କରିବା ଲାଗି ଆଗକୁ ପାଠ ପଢ଼ି ଜଣେ ସଫ୍ଟୱେୟର ଇଞ୍ଜିନିୟର ହେବାକୁ ଆଶା ରଖିଛନ୍ତି। ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଲାଗି ସେ ଦିନକୁ ୬ରୁ ୭ଘଣ୍ଟା ପରିଶ୍ରମ କରୁଥିଲେ। ସଫଳତା ଲାଗି ସେ ଶିକ୍ଷକ ଏବଂ ପରିବାର ଲୋକଙ୍କୁ ଶ୍ରେୟ ଦେଇଛନ୍ତି।



ପ୍ରୀତୀଶ୍ ବେହେରା

# ସୋର ଯୁଏନ୍ କଲେଜ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ କୃତିତ୍ୱ

**ସୋର,୩।୬(ଡି.ଏନ.ଏ.)**

**ସୌମ୍ୟ ରଞ୍ଜନ ଟପ୍ପର**



ସୌମ୍ୟରଞ୍ଜନ ସାମନ୍ତରାୟ।

ବାଲେଶ୍ୱର ଜିଲା ସୋର ଯୁଏନ୍ କଲେଜରୁ ଏଥର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିବା ୨୪୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧ମ ଶ୍ରେଣୀରେ ୨୦୮, ୨ୟ ଶ୍ରେଣୀରେ ୩୨ ଓ ୩ୟ ଶ୍ରେଣୀରେ ୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୌମ୍ୟରଞ୍ଜନ ସାମନ୍ତରାୟ ୫୪୨ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। କିଶନ କୁମାର ବେହେରା ୫୩୯ ନମ୍ବର ରଖି କଲେଜର ୨ୟ ସ୍ଥାନରେ ଥିବା ବେଳେ ଦିବ୍ୟଜ୍ୟୋତି ପଣ୍ଡା ୫୩୮ ନମ୍ବର ରଖି ୩ୟ ସ୍ଥାନ ପାଇଛନ୍ତି। କଲେଜର ୨୩ ଜଣ ୮୫ ପ୍ରତିଶତ ନମ୍ବର ରଖି କୃତିତ୍ୱ ହାସଲ କରିଥିବା ବେଳେ ଅନ୍ୟ ୭ ଜଣ ୫୦୦ରୁ ୫୧୦ ମଧ୍ୟରେ ନମ୍ବର ରଖିଛନ୍ତି। କଲେଜ ଟପ୍ପର ହୋଇଥିବା ସୌମ୍ୟରଞ୍ଜନ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ପରୀକ୍ଷାରେ ସଫଳତା ଲାଗି ସେ ଈଶ୍ୱରଙ୍କ ଆଶୀର୍ବାଦ ଆଉ ମା' ବାପା ଓ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଶେୟ ଦେଇଛନ୍ତି। ସୋର ବ୍ଲକ ଅନ୍ତର୍ଗତ ତଳନଗର ଜୁନିୟର କଲେଜର ୧୨୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୮୦, ୨ୟ ଶ୍ରେଣୀରେ ୩୩ ଓ ୩ୟ ଶ୍ରେଣୀରେ ୮ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏହି କଲେଜର ବର୍ଷା ପ୍ରିୟଦର୍ଶିନୀ ବେହେରା ୫୧୫ ନମ୍ବର ରଖି ଟପ୍ପର ହୋଇଛନ୍ତି। କୁଡେଇ ମହିଳା ମହାବିଦ୍ୟାଳୟର ୬୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୧୧ ଜଣ ପ୍ରଥମ ଶ୍ରେଣୀରେ, ୩୦ ଜଣ ୨ୟ ଶ୍ରେଣୀରେ ଓ ୧୪ ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସସ୍ମିତା ମହାରଣା ୪୨୭ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ମଙ୍ଗଳପୁରସ୍ଥିତ ଶ୍ରୀନିବାସ କଲେଜର ୫୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୦ ଜଣ, ୨ୟ ଶ୍ରେଣୀରେ ୨୩ ଜଣ ଓ ୩ୟ ଶ୍ରେଣୀର ୧୩ ପାସ୍ କରିଛନ୍ତି। ତାପସ ରଞ୍ଜନ ବେହେରା ୪୫୫ ରଖି କଲେଜ ଟପ୍ପର ହୋଇଛନ୍ତି। ଅନନ୍ତପୁରସ୍ଥିତ ସାରସ୍ୱତ ମହାବିଦ୍ୟାଳୟର ୬୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୯ ଜଣ, ୨ୟ ଶ୍ରେଣୀରେ ୨୯ ଜଣ ଓ ୩ୟ ଶ୍ରେଣୀରେ ୧୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସସ୍ମିତା ସେଠୀ ୪୫୮ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି।

# 'ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗରେ ବିଦ୍ୟାଳୟର ବିକାଶ ସମ୍ଭବ'

## କେସି ହାଇସ୍କୁଲର ୧୯୮୬ ବ୍ୟାଚ୍‌ର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ

**ବାଲିଆପାଳ,୩।୬(ସ୍ୱ.ପ୍ର.)**

ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ସମେତ ଦେଶର ଅମୂଲ୍ୟ ସମ୍ପଦ। ପ୍ରତ୍ୟେକ ପୁରାତନ ଛାତ୍ରୀଛାତ୍ର ନିଜ ବିଦ୍ୟାଳୟର ବିକାଶ ପ୍ରତି ଧ୍ୟାନ ଦେଲେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିପାରିବ । ଏ ଦିଗରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତୁ ବୋଲି ସ୍ଥାନୀୟ କେସି ହାଇସ୍କୁଲରେ ଆୟୋଜିତ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁରସ୍ଥିତ ପୁରାତନ କାଳୀଚରଣ ହାଇସ୍କୁଲରୁ ପାଠପଢି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ୧୯୮୬ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ର ଏହି ବୈଠକରେ ଯୋଗଦେଇ ପିଲାଦିନର କଥା ମନେ ପକାଇଥିଲେ। ଉତ୍ସବରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରାଖାଲ ଚନ୍ଦ୍ର ମାହାନା, ପୂର୍ବତନ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପାତ୍ର, ସଚ୍ଚୀନ୍ଦ୍ର ନାଥ ଜେନା, ଅବସରପ୍ରାପ୍ତ ସହକାରୀ ଶିକ୍ଷକ ତାରାକାନ୍ତ ଭଦ୍ର, ନରହରି ମହାନ୍ତି, ଶ୍ୟାମସୁନ୍ଦର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ଜେନା, ଏସ୍‌ଅର ହାଇସ୍କୁଲ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଜେନା, ଅଧ୍ୟାପକ ସଞ୍ଜୟ ଦେ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଯୁଗଳ କିଶୋର ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ସହଯୋଗର ହାତ ବଢ଼ାଇଲେ ବିଦ୍ୟାଳୟର ଉନ୍ନତି ହୋଇପାରିବେ ବୋଲି ସେମାନେ କହିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ମାନପତ୍ର ଏବଂ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ୧୯୮୬ ବ୍ୟାଚ୍‌ର ଅମିତା ରାଣୀ ପାତ୍ର, ଶାନ୍ତନୁ ପାତ୍ର, ମନୋଜ ପ୍ରଧାନ, ପବନ ଦେ, ଚିତ୍ତରଞ୍ଜନ ଜେନା, ଅଜୟ ସେଠୀ, ଚନ୍ଦ୍ରଶେଖର କର, ଦୟାନିଧି ସିଟ, ବଳଭଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କେସି ହାଇସ୍କୁଲର ୧୯୮୬ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ।

# ଅନୁପସ୍ଥିତି ନେଇ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

**ଜଳେଶ୍ୱର,୩।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲିଟିର ଜଣେ ଅଧିକାରୀ ଗତ ମାର୍ଚ୍ଚ ୧୧ ତାରିଖରେ କାର୍ଯ୍ୟରେ ଯୋଗଦେବା ଦିନଠାରୁ ନିଜ ଦପ୍ତରରେ ଅନୁପସ୍ଥିତ ରହିଥିବାରୁ ଉପଜିଲାପାଳ ନୀଲୁ ମହାପାତ୍ର ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହି ଅଧିକାରୀଙ୍କ ଅନୁପସ୍ଥିତି ସମ୍ପର୍କରେ କାର୍ଯ୍ୟାଳୟକୁ କାମରେ ଆସି ଫେରିଥିବା ଲୋକେ ଉପଜିଲାପାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପଜିଲାପାଳ ଘଟଣା ଅନୁଧ୍ୟାନ କରି ଏକ ଚିଠି (ନଂ. ୩୩୩/୨୮।୫।୧୯) ପଠାଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା ନେଇ କାରଣ ତଲବ କରିଛନ୍ତି। ତେବେ ସୋମବାର ଏହି ଅଧିକାରୀ ଦପ୍ତରକୁ ଆସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।



ବରହମପୁର ଗ୍ରାମର ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି।

# ଏକାଠି ପାଳିଲେ ସାବିତ୍ରୀ ବ୍ରତ

**ଖଇରା,୩।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ବରହମପୁର ଗ୍ରାମର ମହିଳାମାନେ ଏକାଠି ହୋଇ ଏସଏଚ୍‌ଜି କାର୍ଯ୍ୟାଳୟରେ ସାବିତ୍ରୀ ବ୍ରତ ପାଳନ କରି ଏକତାର ପରିଚୟ ଦେଇଛନ୍ତି। ସୋମବାର ୭୦ରୁ ଊର୍ଦ୍ଧ୍ୱ ମହିଳା ଏକ ସଙ୍ଗେ ଏହି ବ୍ରତ ପାଳିଥିଲେ। ପୂଜକ ଜଟିଆ ନନ୍ଦ ସାବିତ୍ରୀ ବ୍ରତର ମହିମା ବହି ପଢ଼ି ଶୁଣାଇଥିଲେ। ଗ୍ରାମରେ ଆଧାତ୍ମିକ ପରିବେଶ ଲାଗି ରହିଥିଲା। ରାଜସ୍ୱ ବିଭାଗର ଅସହଯୋଗ ସତ୍ତ୍ୱେ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସମ୍ପ୍ରତି ନିଜସ୍ୱ କାର୍ଯ୍ୟାଳୟ ଗୃହ ନିର୍ମାଣ କରି ଚର୍ଚ୍ଚାକୁ ଆସିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ

**ବାଲେଶ୍ୱର ଅଫିସ,୩।୬**

ବାଲେଶ୍ୱରସ୍ଥିତ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ତରଫରୁ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବିପନ୍ନଙ୍କୁ ସହାୟତା ଲାଗି ସୋମବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। କମିଟିର କର୍ମକର୍ତ୍ତାମାନେ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ଭେଟି ଏହି ସହାୟତା ରାଶିର ଚେକ୍ ପ୍ରଦାନ କରିଛନ୍ତି। କ୍ରିୟାନୁଷ୍ଠାନ କମିଟିର ସଭାପତି ପ୍ରଫେସର ଅନନ୍ତ ପ୍ରଧାନଙ୍କ ସମେତ ଭଗବାନ ଚନ୍ଦ୍ର ରାଉତ, ପ୍ରଭାକର ସାହୁ, ବନମାଳୀ ନାୟକ, ଶ୍ରଦ୍ଧାଞ୍ଜଳି ରାୟ, ନିରଞ୍ଜନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, କୁମୁଦ ରଞ୍ଜନ ଗିରି, ରମେଶ ଚନ୍ଦ୍ର ଜେନା, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଯୋଗେଶ ଚନ୍ଦ୍ର ଜେନା, ରାଜେଶ କୁମାର ପାଢ଼ୀ, ସଚୀନ୍ଦ୍ର ଦାସ, ପ୍ରଦୀପ ଦାସ, ଦିଲୀପ ଚକ୍ରବର୍ତ୍ତୀ, ପ୍ରସନ୍ନ କୁମାର ପାଢ଼ୀ, ଅନିଲ କୁମାର ମହାନ୍ତି, ରାଧାକୃଷ୍ଣ ଜେନା ଓ ବେଣୁଧର ପାଳ ପ୍ରମୁଖ ଉପସ୍ଥିତ ଥିଲେ।



ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଜିଲାପାଳଙ୍କ ଜରିଆରେ ସହାୟତା ପ୍ରଦାନ କରାଯାଉଛି।

# ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

**ଭୋଗରାଇ,୩।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଓ ଦୀନକୃଷ୍ଣ ମହାବିଦ୍ୟାଳୟ ଜଳେଶ୍ୱରର ପୂର୍ବତନ ଅଧ୍ୟକ୍ଷ ହରେକୃଷ୍ଣ ଘୋଷ (୬୩)ଙ୍କ କଟକର ଏକ ନର୍ସିଂହୋମ୍‌ରେ ରବିବାର ପରଲୋକ ଘଟିଛି। ସେଠାରୁ ତାଙ୍କ ମୃତଦେହକୁ ଭୋଗରାଇ ବ୍ଲକ ଅଧୀନ ଜୟରାମପୁର ଗ୍ରାମକୁ ଅଣାଯାଇ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ମୃତ୍ୟୁରେ ବିଧାୟକ ଅନନ୍ତ ଦାସ, ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ର, ପୂର୍ବତନ ବିଧାୟିକା ଉମାରାଣୀ ପାତ୍ରଙ୍କ ସମେତ ବହୁ ଅଧ୍ୟାପିକା, ଅଧ୍ୟାପକ, ଶିକ୍ଷାବିତ୍, ଛାତ୍ରୀଛାତ୍ର ଶୋକବ୍ୟକ୍ତ କରିଛନ୍ତି। ଭୋଗରାଇ କଲେଜ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ସୋମବାର ଏକ ଶୋକସଭା କରାଯାଇ ସ୍ୱର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

# ମହିଳାଙ୍କୁ ଘରେ ଆକ୍ରମଣ କରି ଲୁଟ୍

**ରୂପସା,୩।୬(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପଞ୍ଚାୟତ ଅନ୍ତର୍ଗତ ଖଣ୍ଡାହାର ଗ୍ରାମର ଜଣେ ବିଧବା ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରି ତାଙ୍କ ସୁନାହାର ଲୁଟି ନିଆଯାଇଥିବା ନେଇ ବସ୍ତା ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି। ଏହି ମହିଳା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ରବିବାର ସେ ଘରେ ଥିବାବେଳେ ପାରିବାରିକ କଳହକୁ କେନ୍ଦ୍ର କରି ତାଙ୍କର କେତେକ ସମ୍ପର୍କୀୟ ତାଙ୍କୁ ପିଟାମରା କରିଥିଲେ। ସ୍ଥାନୀୟଲୋକେ ଏହି ଆହତ ମହିଳାଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ,୩।୬**

ରାଜ୍ୟ ସଂସ୍କୃତି ଓ ପଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ସୋମବାର ବାଲେଶ୍ୱର ସର୍କିଟ୍ ହାଉସ୍ ଠାରେ ବାଲେଶ୍ୱର ଚାରୁ ଓ କାରୁ କଳା ମହାବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବାଲେଶ୍ୱର, ମୟୂରଭଞ୍ଜ ଓ କେଉଁଝର ଜିଲା ଲାଗି ଏହା ଏକମାତ୍ର ଚାରୁ ଓ କାରୁକଳା ମହାବିଦ୍ୟାଳୟ ହୋଇଥିବାରୁ ଏହାର ଭିତ୍ତିଭୂମି ବିକାଶ ପାଇଁ ମନ୍ତ୍ରୀ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟର ସଭାପତି ହିମାଂଶୁ ଦାସ, ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ, ଅଧ୍ୟାପକ ଶଶାଙ୍କ ଶେଖର ଦାସ, ସଭ୍ୟ ଗୌରୀ ଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ବାଲେଶ୍ୱର ଚାରୁ ଓ କାରୁ କଳା ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

# ବର ଶଙ୍କର କନ୍ୟା ଟୁସୁଙ୍କୁ ନେଇ ଘରକୁ ଗଲେ

**ବାଲେଶ୍ୱର ଅଫିସ,୩।୬**

- ବିବାହ ଉତ୍ସବର ଶେଷ ସନ୍ଧ୍ୟା ଥିଲା ଆକର୍ଷଣୀୟ
- ବର କନ୍ୟାଙ୍କ ସହ ସେଲ୍‌ଫି ଉଠାଇଲେ ଦର୍ଶକ

ବାଲେଶ୍ୱରରେ ନିଆରା ଜଉ କଣ୍ଢେଇ ବାହାଘର ଲୋକକଳା ଓ ସଂସ୍କୃତିର ପର୍ବ ପାଲଟିଛି। ପ୍ରତିବର୍ଷ ଏହା ଲୋକଙ୍କୁ ଅମୋଦପ୍ରମୋଦ ଯୋଗାଇବା ସହ ପାରମ୍ପରିକ ଜଉକଳାକୁ ପ୍ରୋତ୍ସାହିତ କରିଆସୁଛି । ରବିବାର ବାଲେଶ୍ୱର ଗାନ୍ଧୀ ସ୍ମୃତିଭବନ ପରିସରରେ ଆୟୋଜିତ ଜଉ କଣ୍ଢେଇ ଟୁସୁ ଓ ଶଙ୍କରଙ୍କ ବାହାଘରର ଶେଷ ସନ୍ଧ୍ୟା ଥିଲା ବେଶ୍ ଆକର୍ଷଣୀୟ। ସେଠାରେ ଆୟୋଜିତ ବନ୍ଧୁମିଳନରେ ବହୁ କଳାକାର, ଚିତ୍ରକର, ସାହିତ୍ୟିକ, ଶିଳ୍ପୋଦ୍ୟୋଗୀ, ପ୍ରଶାସନିକ ଅଧିକାରୀ ଓ ରାଜନେତା ସାମିଲ ହୋଇଥିଲେ। ଦଣ୍ଡେ ଘଡ଼ିଏ ସମସ୍ତେ ଜଉକଣ୍ଢେଇ ନିକଟରେ ଛିଡ଼ାହୋଇ ସେଲ୍‌ଫି ଉଠାଇ ବରକନ୍ୟାଙ୍କୁ ଆଶୀର୍ବାଦ ଦେଉଥିଲେ। ସୋମବାର ସାବିତ୍ରୀ ବ୍ରତ ଥିବାରୁ ଗାନ୍ଧୀ ସ୍ମୃତି ଭବନ ପରିସରରେ ବସିଥିବା ମେଳାରେ ଜଉକଣ୍ଢେଇ କିଣାବିକା ଜୋର୍ ଧରିଥିଲା। ଶେଷରେ ଅନୁଷ୍ଠିତ ହୋଇଥିଲା ପ୍ରୀତିଭୋଜନ। ଏହାପରେ ବର ଶଙ୍କର କନ୍ୟା ଟୁସୁଙ୍କୁ ସାଥିରେ ଧରି ନିଜ ଘରକୁ ବାହୁଡିଥିଲେ। ଜଉ କଣ୍ଢେଇ ଉତ୍ସବ କମିଟିର ପରାମର୍ଶଦାତା ସ୍ଥାନୀୟ ଭୋଇ ସାହିସ୍ଥିତ ସୁରଞ୍ଜନ ଦାସମହାପାତ୍ରଙ୍କ ଘରକୁ ଉଭୟ ବରକନ୍ୟାଙ୍କୁ ଯଥାବିଧି ଓ ରୀତି ଅନୁସାରେ ଅନୁସାରେ ପାଛୋଟି ନିଆଯାଇଥିଲା।

ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ବାଲେଶ୍ୱରର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ପଲ୍ଲିଗୀତ ଓ ଲୋକଗୀତ ପରିବେଷଣ କରିଥିଲେ। ପରେ ଏକ ସଭାରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଡ. ଅରବିନ୍ଦ ଗିରି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ବାଲେଶ୍ୱରର ଚାନ୍ଦିପୁର ଆଇଟିଆର୍‌ର ନିର୍ଦ୍ଦେଶକ ଡ. ବିନୟ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ କବି ପ୍ରଶାନ୍ତ କୁମାର ଦାସ, କମିଟିର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାଥ ପାତ୍ର, ବରପିତା ସୁରଞ୍ଜନ ଦାସ ମହାପାତ୍ର, କନ୍ୟାପିତା ରାଜକିଶୋର ରଣା, କମିଟି ସଦସ୍ୟ କେଶୁ ଦାସ, ସୁଶାନ୍ତ କୁମାର ବେହେରା ପ୍ରମୁଖ ସମ୍ମାନ୍ନୀୟ ଅତିଥି ଭାବେ ଯୋଗଦେଇଥିଲେ। ସଭ୍ୟ ଇଂ. ହୃଷୀକେଶ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମଞ୍ଚ ଆହ୍ୱାନ କରିଥିଲେ ରାଜେଶ କୁମାର ଗିରି। ଶେଷ କଥା ରଖିଥିଲେ ଅନୁଷ୍ଠାନର ଉପଦେଷ୍ଟା ଡ. ଅମିତାଭ ଗିରି।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ପ୍ରତିଶ୍ରୁତିରେ ଅଟକିଛି ଭିତ୍ତିଭୂମି ବିକାଶ

ଭଦ୍ରକ ଅଫିସ, ୩।୬

■ପୂରଣ ହେଉନି ଜିଲାବାସୀଙ୍କ ପ୍ରମୁଖ ଦାବି
■ବିଭିନ୍ନ ସମସ୍ୟା ନବନିର୍ବାଚିତ ପ୍ରତିନିଧିଙ୍କ ପାଇଁ ହେବ ଚ୍ୟାଲେଞ୍ଜ

ଭଦ୍ରକ ଜିଲାରେ ବେରୋଜଗାରି, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟଜଳ ଅଭାବ ଭଳି ବିଭିନ୍ନ ସମସ୍ୟା ବସାବାନ୍ଧି ରହିଛି। ଜିଲାରେ ଭିତ୍ତିଭୂମି ବିକାଶ ଲାଗି ଆଖିଦୃଶିଆ ଯୋଜନା ହେଉନାହିଁ କି ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା ସକାଶେ ରୋଜଗାରଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ ହେଉନାହିଁ। କୃଷି ବିକାଶ ପାଇଁ ବୃହତ୍ ଜଳସେଚନ ପ୍ରକଳ୍ପ, କୃଷିଭିତ୍ତିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା କରାଯାଉନାହିଁ। କାମଧନ୍ଦା ଅଭାବରୁ ଅନେକ ଯୁବକ ରାଜ୍ୟ ବାହାରକୁ ଯାଇ ଦାଦନ ଖଟୁଛନ୍ତି। ଏହା ମଧ୍ୟରେ ଜିଲା ପୁନର୍ଗଠନକୁ ୨୬ ବର୍ଷ ବିତିଲାଣି। ହେଲେ ସମନ୍ୱିତ ତଥା ବାସ୍ତବ ବିକାଶଠାରୁ ଜିଲା ବହୁ ଦୂରରେ ରହିଛି। ଏଥର ନିର୍ବାଚନରେ ସବୁ ଦଳ ଏହି ବିକାଶ ପ୍ରଶ୍ନକୁ ମୁଖ୍ୟ ପ୍ରସଙ୍ଗ କରି ନିର୍ବାଚନ ଲଢ଼ିଥିବାରୁ ନବନିର୍ବାଚିତ ପ୍ରତିନିଧିଙ୍କ ପାଇଁ ବିଭିନ୍ନ ସମସ୍ୟା ଏବେ ମୁଖ୍ୟ ଚ୍ୟାଲେଞ୍ଜ ହୋଇ ଉଭା ହେବ ବୋଲି ଚର୍ଚ୍ଚା ହେଉଛି।

ଭଦ୍ରକ ଜିଲା ଲୋକ ସଭା ଆସନ ଅଧୀନ ୫ଟି ବିଧାନସଭା କ୍ଷେତ୍ର ରହିଛି। ନିର୍ବାଚନ ଜିତିବା ପରେ ବିଧାୟକ ସଞ୍ଜୀବ ମଲ୍ଲିକ ଭଦ୍ରକର ପ୍ରମୁଖ ସମସ୍ୟାକୁ ପ୍ରାଥମିକତା ଦେଇ ସହରକୁ ସ୍ମାର୍ଟସିଟିରେ ପରିଣତ କରିବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି। ଧାମନଗରରୁ ନିର୍ବାଚିତ ବିଧାୟକ ବିଷ୍ଣୁ ସେଠୀ କହିଛନ୍ତି, ତାଙ୍କ ନିର୍ବାଚନମଣ୍ଡଳୀରେ ବିଭିନ୍ନ ସମସ୍ୟା ରହିଛି। ସେ ବିଧାନସଭାରେ ଏ ନେଇ ଦାବି ଉଠାଇବେ। ଏହାର ସମାଧାନ ପ୍ରତି ଦୃଷ୍ଟି ଦିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥାର ଆଶ୍ରୟ ନିଆଯିବ। ସମସ୍ୟାର ପ୍ରତିକାର ସାଙ୍ଗକୁ ବିକାଶମୂଳକ କାର୍ଯ୍ୟ ନ ହେବା ଲାଗି ନେତା ଓ ପ୍ରଶାସନ ମୁଖ୍ୟତଃ ଦାୟୀ। ନିର୍ବାଚନ ବେଳେ ଦିଆଯାଉଥିବା ପ୍ରତିଶ୍ରୁତିକୁ ପରେ ନେତାମାନେ ଭୁଲି ଯାଉଛନ୍ତି ବୋଲି ଆଇନଜୀବୀ ଗଦାଧର ବଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଭାଜପା ନେତା ମନମୋହନ ସାମଲ କହିଛନ୍ତି, ବିଜେଡି ଦୀର୍ଘବର୍ଷ ଶାସନରେ ରହିଥିଲେ ମଧ ଲୋକଙ୍କ ବାସ୍ତବ ସମସ୍ୟା ଦୂର ନ ହେବା ଏକ ବିଡ଼ମ୍ବନା। ଏହି ଦଳ କେବଳ କର୍ମୀ ଓ ଠିକାଦାରଙ୍କୁ ସନ୍ତୁଷ୍ଟ କରିବାରେ ବ୍ୟସ୍ତ ରହୁଛି।

ଜିଲାର ବିଭିନ୍ନ ସମସ୍ୟା ମଧ୍ୟରୁ ସ୍ୱାସ୍ଥ୍ୟ ସମସ୍ୟା ଅନ୍ୟତମ। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ମୁଖ୍ୟାଳୟରେ ଆବଶ୍ୟକ ଡାକ୍ତର ନାହାନ୍ତି। ଫଳରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳୁନାହିଁ। ଶିକ୍ଷାନୁଷ୍ଠାନରେ ଶିକ୍ଷକ, ଅଧ୍ୟାପକ ମରୁଡ଼ି ଲାଗି ରହିଛି। ଜିଲାର ସର୍ବପୁରାତନ ଭଦ୍ରକ କଲେଜରେ ଅଧ୍ୟାପକ ଅଭାବ ଯୋଗୁ ଠିକ୍‌ଭାବେ ପାଠ ପଢ଼ାଯାଇ ପାରୁନାହିଁ। ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ସକାଶେ ଦାବି ହେଉଥିଲେ ମଧ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କେବଳ ପ୍ରତିଶ୍ରୁତିରେ ସୀମିତ ରହିଛି। ସେହିପରି ମେଡିକାଲ କଲେଜ ପ୍ରତିଷ୍ଠା ଲାଗି ଜିଲାବାସୀଙ୍କ ଦାବି ଏଯାଏ ଅପୂରଣୀୟ ହୋଇ ରହିଛି।

ବର୍ତ୍ତମାନ ଖରାଦିନେ ଜିଲାର ଶତାଧିକ ଗାଁର ଲୋକେ ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି। ଭଦ୍ରକ ସହରରେ ଏଯାଏ କୌଣସି ସ୍ଥାନରେ ଓଭରହେଡ୍ ପାଣିଟାଙ୍କି ବ୍ୟବସ୍ଥା ହୋଇନାହିଁ। ଜିଲାରେ ଅନେକ ପାନୀୟଜଳ ପ୍ରକଳ୍ପ ଅକାମୀ ହୋଇ ପଡ଼ିଛି। ଭଦ୍ରକ ସହର ଅମୃତ ଯୋଜନାରେ ସମ୍ପୃକ୍ତ ହୋଇଥିଲେ ବି ନାଳନର୍ଦ୍ଦମା ସମସ୍ୟାରୁ ସହରବାସୀ ମୁକୁଳି ପାରିନାହାନ୍ତି। ସାମାନ୍ୟ ବର୍ଷା ହେଲେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ସହରରେ ଜବରଦଖଲକାରୀଙ୍କ ରାଜୁତି ବଢ଼ିଚାଲିଛି। ୩୦ ବର୍ଷ ଧରି କାର୍ଯ୍ୟକ୍ଷମ ହୋଇପାରୁନି ନୂଆ ବସ୍‌ଷ୍ଟାଣ୍ଡ। ଜିଲା ମୁଖ୍ୟାଳୟରେ ଅତ୍ୟାଧୁନିକ ଟ୍ରାଫିକ୍ ସିଗ୍‌ନାଲ୍ କିମ୍ବା ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ହୋଇନାହିଁ। ଜିଲା ମୁଖ୍ୟ ଡାକ୍ତରଖାନା ସମ୍ପ୍ରସାରଣ ଓ ଜିଲା ଜେଲ୍ ପାଇଁ ସ୍ଥାନ ଚୟନ ହୋଇଥିଲେ ବି ନିର୍ମାଣ କାମ ଦୀର୍ଘବର୍ଷ ଧରି ଅଟକି ରହିଛି। ଭଦ୍ରକ ଷ୍ଟେସନରେ କେତେକ ଦ୍ରୁତଗାମୀ ଟ୍ରେନ ଅଟକୁ ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ପ୍ରାୟ ୨୫ ବର୍ଷ ଧରି ୨୩୭ ଏକର ଜମି ଅଧିଗ୍ରହୀତ ହୋଇଥିଲେ ମଧ ଚିନି କାରଖାନା ପ୍ରତିଷ୍ଠା ହୋଇପାରିନାହିଁ।

ନଦୀ ନାଳଘେରା ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଧାମରା ବନ୍ଦର ହେବା ପରେ ଜିଲାବାସୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଲୋକେ ଆଶା ରଖିଥିଲେ। ଏହା ଏବେ ନିରାଶାରେ ପରିଣତ ହୋଇଛି। ତିନିତର, ଧାନଖଣିଆ, ଚୌଧୁରୀ, ବାଲିଆପାଳ ଓ ବାଁଶଡ଼ା ଘାଟରେ ସେତୁ ନିର୍ମାଣ ହୋଇ ନ ଥିବାରୁ ଲୋକେ ବିପଦପୂର୍ଣ୍ଣ ଭାବେ ଡଙ୍ଗାରେ ନଦୀ ପାର ହେଉଛନ୍ତି। ଏ ସବୁ ସ୍ଥାନରେ ସବୁବେଳେ କୁମ୍ଭୀର ଭୟ ଲାଗିରହୁଛି। ଉପକୂଳ ଅଞ୍ଚଳର ମାଟିତଳେ ଲୁଣିପାଣି ଜମାହୋଇ ରହୁଥିବାରୁ ଗାଁ ଲୋକେ ବିଶୁଦ୍ଧ ପାନୀୟଜଳ ପାଇପାରୁନାହାନ୍ତି। ଚାନ୍ଦବାଲି ଭଳି ଧାମନଗରବାସୀଙ୍କୁ ବନ୍ୟା ଦାଉରୁ ରକ୍ଷା ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା ହୋଇପାରିନାହିଁ। ବାସୁଦେବପୁର ନିର୍ବାଚନମଣ୍ଡଳୀରେ ବ୍ରିଟିଶ ଅମଳରେ ନିର୍ମିତ କୋଷ୍ଟ କେନାଲ ଏକଦା ଜଳପଥ ପରିବହନ ସାଙ୍ଗକୁ ଜଳସେଚନ ସୁବିଧା ଯୋଗାଉଥିଲା। ଏହାର ପୁନରୁଦ୍ଧାର ନ ହେବାରୁ ସ୍ଥିତି ହରାଇବାକୁ ବସିଲାଣି। ଉପକୂଳ ଅଞ୍ଚଳରେ ବେଆଇନ ଚିଙ୍ଗୁଡ଼ି ପ୍ଲାଣ୍ଟ ଗଢ଼ିଉଠିଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ସେହିପରି ମତ୍ସ୍ୟଜୀବୀଙ୍କ ପାଇଁ କୌଣସି ସ୍ଥାୟୀ ରୋଜଗାର ବ୍ୟବସ୍ଥା କରାଯାଉନାହିଁ। ଚୂଡ଼ାମଣି ବନ୍ଦର ନିର୍ମାଣ ସାଙ୍ଗକୁ ପଥୁଆଁ ଓ କଷିଆ ମାଛଧରା ଜେଟିର ପୁନରୁଦ୍ଧାର ଯୋଜନା ପ୍ରସ୍ତାବରେ ସୀମିତ ରହିଛି।

## ସଂକ୍ଷେପରେ

### ଭଦ୍ରକରେ ପାସ୍ ହାର ୭୦.୪୮ ପ୍ରତିଶତ

**ଭଦ୍ରକ ଅଫିସ, ୩।୬:** ସୋମବାର ଯୁକ୍ତ ୨ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ ପାଇଛି। ଭଦ୍ରକ ଜିଲାରେ ୭୦.୪୮ ପ୍ରତିଶତ ପାସ୍ ହାର ରହିଛି। ସୂଚନା ଅନୁସାରେ, ମୋଟ ୪୮ଟି କଲେଜର ୨,୮୩୨ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୮୦୭ ଜଣ ପରୀକ୍ଷା ଦେଇଥିଲେ। ୨୧୪୭ ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ୬ଜଣ ମାଲପ୍ରାକ୍ଟିସ୍ ହୋଇଛନ୍ତି। ୨୬ ଜଣ କମ୍ପାର୍ଟମେଣ୍ଟରେ ପାସ୍ କରିଛନ୍ତି। ୫୨୦ ଛାତ୍ରୀଛାତ୍ର ପ୍ରଥମ, ୯୦୦ ଜଣ ଦ୍ୱିତୀୟ ଓ ୭୦୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ୯ମ ଥର ପାଇଁ ବିନାୟକ କଲେଜ ଶୀର୍ଷରେ

**ଭଦ୍ରକ ଅଫିସ, ୩।୬:** ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ କ୍ରମାଗତ ୯ମ ଥର ପାଇଁ ପ୍ରମୁଖ ଆବାସିକ ମହାବିଦ୍ୟାଳୟ ବିନାୟକ ରେସିଡେନ୍ସିଆଲ ହାୟର ସେକେଣ୍ଡାରି ସ୍କୁଲ ଆଶାତୀତ ସଫଳତା ହାସଲ କରିଛି। ଜିଲାର ମୋଟ ୧୨ଟି ଆବାସିକ ମହାବିଦ୍ୟାଳୟ ମଧ୍ୟରୁ ଏହି କଲେଜ ଶୀର୍ଷରେ ରହିଥିବା ଜଣାଯାଇଛି। କଲେଜ ଅଧକ୍ଷ ପ୍ରଭାତ ପ୍ରଭାକର ପାଢ଼ୀଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, କଲେଜର ମୋଟ ୨୬୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬୭ ଜଣ ପ୍ରଥମ, ୧୧୯ ଦ୍ୱିତୀୟ ଓ ୫୫ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଲେଜର ପାସ୍ ହାର ୯୧ ପ୍ରତିଶତ ରହିଛି। ଛାତ୍ର ଅଭିଜିତ୍ ସାହୁ ସର୍ବାଧିକ ୪୯୫ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ଓ ଜୀବନାନନ୍ଦ ପାଣିଗ୍ରାହୀ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କନ୍ୟାକୁମାରୀ ଏକ୍ସପ୍ରେସ୍ ବ୍ରେକ୍‌ୱାଣ୍ଡିଂରେ ନିଆଁ

**ଭଦ୍ରକ ଅଫିସ, ୩।୬:** ସୋମବାର ଅପରାହ୍ନରେ କନ୍ୟାକୁମାରୀ ଏକ୍ସପ୍ରେସ ଏସି କୋଚ ବଗି ତଳେ ଥିବା ବ୍ରେକ୍‌ୱାଣ୍ଡିଂ ନିକଟରେ ନିଆଁ ଲାଗିଯାଇଥିଲା। କେନ୍ଦୁଆପଦା ଷ୍ଟେସନକୁ ଟ୍ରେନ ଅତିକ୍ରମ କରୁଥିବା ବେଳେ ବ୍ରେକ୍ ଘଷିହୋଇ ନିଆଁ ବାହାରୁଥିବା ଦେଖାଯାଇଥିଲା। କିଛି ଦୂର ଅତିକ୍ରମ ହେବା ପରେ ଟ୍ରେନ ଅଟକିଥିଲା ଓ ଟ୍ରେନରେ ଥିବା ଅଗ୍ନିନିର୍ବାପକ ଯନ୍ତ୍ର ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଥିଲା। ଭଦ୍ରକ ରେଳ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଏହା ଘସି ହୋଇ ନିଆଁ ବାହାରିଥିଲା। ନିଆଁକୁ ନିୟନ୍ତ୍ରଣ କରାଯାଇ ଭୁବନେଶ୍ୱର ଅଭିମୁଖେ ଟ୍ରେନକୁ ଛଡ଼ାଯାଇଥିଲା। ଉଲ୍ଲେଖନୀୟ ଯେ, ଏହି ଟ୍ରେନ ଡିବ୍ରୁଗଡ଼ରୁ କନ୍ୟାକୁମାରୀ ଯାଉଥିଲା।

### ଘର ସାମ୍ନାରୁ ବାଇକ୍ ଚୋରି

**ଭଦ୍ରକ ଅଫିସ, ୩।୬:** ଭଦ୍ରକ ଟାଉନ ଥାନା ଅଞ୍ଚଳରେ ବାଇକ୍ ଲୁଟେରାଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଶୁକ୍ରବାର ସନ୍ଧ୍ୟାରେ ବଙ୍କସାହି ଭାଗୀରଥି ଗୁପ୍ତାଙ୍କ ଘର ସାମ୍ନାରୁ ତାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୬୮/୧୯) ରୁଜୁ କରି ତଦନ୍ତ ଚଳାଇଛି।

## ‘ମଙ୍ଗଳ ଆଳତିରୁ ମିଳେ ଅଫୁରନ୍ତ ଆନନ୍ଦ’

ଆରଡ଼ି, ୩।୬ (ଡି.ଏନ.ଏ.)

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇଛି। ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ନିଜର ମାନସିକ ପୂରଣ ପାଇଁ ଏଠାକୁ ଆସିଥାନ୍ତି। ପୀଠର ନିଆରା ଆକର୍ଷଣ ହେଉଛି ମଙ୍ଗଳ ଆଳତି। ପରିବାର ଲୋକେ ଏକାଠି ମଙ୍ଗଳ ଆଳତି ଦେଖିଲେ ସେହି ପରିବାରରେ କେବେ ବି ଅନିଷ୍ଟ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି। କେବଳ ସେତିକି ନୁହେଁ ଯେଉଁମାନେ ନୂତନ ଗୃହ, ବ୍ୟବସାୟ ପ୍ରତିଷ୍ଠାନ,ବିବାହ ଆଦି ମାଙ୍ଗଳିକ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି, ସେମାନେ ମଙ୍ଗଳ ଆଳତି ଦେଖିଲେ ପୂଣ୍ୟଫଳ ମିଳିଥାଏ। ଏତଦ୍‌ବ୍ୟତୀତ ରୋଗରେ ପୀଡ଼ିତ ବ୍ୟକ୍ତି ଏହାକୁ ସଂଦର୍ଶନ କଲେ ରୋଗରୁ ଉପଶମ ମିଳେ ବୋଲି ମଧ ବିଶ୍ୱାସ ରହିଛି। ଏହି ମଙ୍ଗଳ ଆଳତି କରିବାରେ ଅଫୁରନ୍ତ ଆନନ୍ଦ ମିଳେ ବୋଲି ସେବାୟତ ଶକ୍ରାଦିତ୍ୟ ପାଢ଼ୀ କହିଛନ୍ତି।

ପ୍ରତ୍ୟହ ଭୋର ୪ ଟାରେ ମନ୍ଦିର ପହଡ଼ ଖୋଲାଯାଏ। ପାଳିଆଙ୍କ ସମେତ ଅନ୍ୟ ସେବାୟତମାନେ ବୃଷଭଙ୍କ ଉପରେ ଜଳ ଢାଳି ମନ୍ଦିରକୁ ପ୍ରବେଶ କରନ୍ତି। ହେଲେ ସମସ୍ତଙ୍କ ନଜର ଥାଏ ଶକ୍ରାଦିତ୍ୟଙ୍କ ଉପରେ। ସେ ହିଁ ପ୍ରତିଦିନ ମଙ୍ଗଳ ଆଳତି କାର୍ଯ୍ୟ ସମାପନ କରିଥାନ୍ତି। ଆଳତି ପୂର୍ବରୁ ସେବାୟତମାନେ ବାବାଙ୍କୁ ଚାମରରେ ବିଞ୍ଚିଥାଆନ୍ତି। ଠିକ୍ ସାଢ଼େ ୪ଟାରେ ପୂର୍ବ ରାତିରେ ହୋଇଥିବା ବାବାଙ୍କ ବଡ଼ସିଂହାର ବେଶ ନିକଟରେ ଏହି ମଙ୍ଗଳ ଆଳତି କରାଯାଏ। ପୂର୍ବରୁ ରଖାଯାଇଥିବା କାଠି ବଳିତା, ଗୁଆଘିଅ, କର୍ପୂର ଦିଆଯାଇ ଆଳତି କରାଯାଏ।



ସେବାୟତ ଶକ୍ରାଦିତ୍ୟ ପାଢ଼ୀ ମଙ୍ଗଳ ଆଳତି ପୂଜା କରୁଛନ୍ତି।

ଏହି ସମୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି ଏବଂ ଓଁ ନମଃ ଶିବାୟ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଉଠେ। ଏହାପରେ ବାବାଙ୍କ ବଡ଼ସିଂହାର ବେଶ ଖୋଲି ଦିଆଯାଏ। ମହୁ, ଦୁଗ୍ଧ, ଦଧି, ଘୃତ, କର୍ପୂର, ଚନ୍ଦନ, ଅଗୁର, ଜାୟତ୍ରୀ, ଜାଇଫଳ ଆଦି ଦ୍ରବ୍ୟ ମିଶ୍ରିତ ସୁବାସିତ ଜଳରେ ବାବାଙ୍କୁ ସ୍ନାନ କରାଯାଏ। ଏହାପରେ ବାବା ଆଖଣ୍ଡଳମଣିଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଏ। ଏହି ବେଶ ମଧ ଶକ୍ରାଦିତ୍ୟ ସମାପନ କରିଥାନ୍ତି। ପରେ ବାବାଙ୍କ ପଞ୍ଚୋପଚାର ପୂଜା ସାମାପନ କରାଯାଇ ନୈବେଦ୍ୟ ଅର୍ପଣ କରାଯାଏ। ନୈବେଦ୍ୟରେ ଖଜା, ଉଖୁଡା, ଖୁଦୁମା ନିଶଙ୍କୁଡି, ସୁଜି ମିଠା, ଚିନି ମିଠା ଓ ଫଳମୂଳ ଆଦି ଦିଆଯାଏ। ଶେଷରେ ବାବାଙ୍କୁ ଭାଙ୍ଗପଣା ଅର୍ପଣ କରାଯାଇ ଦୈନନ୍ଦିନର ପହିଲି ମଙ୍ଗଳ ଆଳତି ପୂଜା ଶେଷ ହୁଏ।

## ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ ପାଳିତ

ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ, ୩।୬ (ଡି.ଏନ.ଏ.)

ସାବିତ୍ରୀ ବ୍ରତ ଅବସରରେ ସୋମବାର ଭଦ୍ରକ ଜିଲାର ବିଭିନ୍ନ ମନ୍ଦିରରେ ସ୍ୱତନ୍ତ୍ର ପୂଜାପାଠ କରାଯାଇଥିଲା। ମୁଖ୍ୟତଃ ଶୈବପୀଠରେ ବ୍ରତଧାରୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭଦ୍ରକସ୍ଥିତ ବାବା ଲୋକନାଥଙ୍କ ପୀଠରେ ଭୋରୁ ବିବାହିତା ମହିଳାଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଏଥିପାଇଁ ସ୍ୱତନ୍ତ୍ର ଟିକେଟ୍ ବ୍ୟବସ୍ଥା କରାଯାଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ସେବାୟତମାନଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ସଧବା ନାରୀମାନେ ପୂଜାର୍ଚ୍ଚନା କରି ନିଜ ସ୍ୱାମୀଙ୍କ ଶୁଭ ମନାସିଥିଲେ। ସେହିପରି ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଥିବା ମା’ କାଳିନ୍ଦ୍ରା, ଗ୍ରାମଦେବତୀ, ଆଖୁଆପଦା ଶିବ ମନ୍ଦିର, ବଣସାହିସ୍ଥିତ ମା’ ଚେକା ସାଆନ୍ତାଣି ପୀଠରେ ବ୍ରତଧାରୀ ମହିଳାଙ୍କ ଭିଡ଼ ଜମିଥିଲା। ଏହାଛଡ଼ା ଗ୍ରାମାଞ୍ଚଳରେ ମହିଳାମାନେ ଏକତ୍ର ହୋଇ ପୂଜାର୍ଚ୍ଚନା କରି ସାବିତ୍ରୀ ବ୍ରତ ପାଳିଥିଲେ। ଭଣ୍ଡାରିପୋଖରୀ ଥାନା ପରିସରରେ ଥିବା ଶୀତିକଣ୍ଠେଶ୍ୱର ମନ୍ଦିରରେ ମହିଳାମାନେ ପୂଜାର୍ଚ୍ଚନା କରିଥିଲେ।



ଏକ ମନ୍ଦିରରେ ମହିଳାମାନେ ପୂଜା କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର



ଅଶୋକ



ପ୍ରତାପ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ‘ପିଲାଙ୍କ ସାମର୍ଥ୍ୟର ବିକାଶ ଲାଗି ସୁସ୍ଥ ପରିବେଶ ଲୋଡ଼ା’

ବନ୍ତ, ୩।୬ (ଡି.ଏନ.ଏ.)

ପିଲାଙ୍କ ଲୁକ୍କାୟିତ ପ୍ରତିଭା ଓ ସାମର୍ଥ୍ୟର ବିକାଶ ଲାଗି ସୁସ୍ଥ ପରିବେଶ ଆବଶ୍ୟକ ବୋଲି ବନ୍ତ କେନାଲ ରୋଡ୍‌ଠାରେ ନୂତନ ଭାବେ ପ୍ରତିଷ୍ଠାଲାଭ କରିଥିବା ଲିଟିଲି ସ୍କଇରାଲ ପବ୍ଲିକ୍ ସ୍କୁଲର ଉଦ୍‌ଘାଟନୀ ସମାରୋହରେ ସ୍କୁଲ ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ବିଶ୍ୱାଳ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶୁଭେନ୍ଦୁ ମିଶ୍ର ମୁଖ୍ୟବକ୍ତା ଏବଂ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଶିକ୍ଷୟିତ୍ରୀ ମାଳବିକା ପୃଷ୍ଟି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ଅଜୟ ପୃଷ୍ଟି, ଅବସରପ୍ରାପ୍ତ ଶିକ୍ଷକ ମାୟାଧର ପାତ୍ର, ଗଣେଶ ପ୍ରସାଦ କରଶର୍ମା, ଶିକ୍ଷକ ନାରାୟଣ ଚନ୍ଦ୍ର ଲେଙ୍କା, ରମାକାନ୍ତ ଜେନା, ଅଧ୍ୟାପକ ସଞ୍ଜୟ ମଜୁମଦାର, ସରପଞ୍ଚ ନିହାରିକା ରାଉତ, ଅବସରପ୍ରାପ୍ତ ସୈନିକ ସମରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଅଭିନେତା କ୍ରିଷ୍ଣା କର, ଉଦିତ୍ ଗୁରୁ ମହାପାତ୍ର, ଚିରଞ୍ଜୀବ୍ ବିଶ୍ୱାଳ, ଅଭିନେତ୍ରୀ ପ୍ରତିଭା ବେହେରା, ସ୍ମୃତିଶ୍ରଦ୍ଧା ବିଶ୍ୱାଳ, ହାସ୍ୟାଭିନେତା ବ୍ଲାକ ରବି, ନୀଳକଣ୍ଠ ପରିଡା, କଣ୍ଠଶିଳ୍ପୀ ଜୀବନ ଦାସ, ବାପି କୁମାର, ନିତିନ୍ ଓଝା, ବିହାର ପାଟନାରୁ ଆସିଥିବା ଯାଦୁଗର ଗୋଗାଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଲେଙ୍କା, ସୁମିତ୍ରା ନାୟକ, ସ୍ନିଗ୍ଧାରାଣୀ ଜେନା, ରବୀନ୍ଦ୍ର ବିଶ୍ୱାଳ, ମାନିନୀ ବିଶ୍ୱାଳ, ସୌମିତ୍ରୀ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାବିତ୍ରୀଆଡ଼ିରେ ବ୍ରତଧାରୀଙ୍କ ଭିଡ଼

ବନ୍ତ, ୩।୬(ସ୍ୱ.ପ୍ର.)

ସାବିତ୍ରୀ ଓଷା ପାଇଁ ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ତୋଟାସାହିସ୍ଥିତ ସାବିତ୍ରୀଆଡ଼ି ଉତ୍ସବମୁଖର ହୋଇଥିଲା। ସୋମବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପୀଠରେ ହଜାର ହଜାର ବ୍ରତଧାରୀ ମହିଳାଙ୍କ ଭିଡ଼ ଲାଗିରହିଥିଲା। ମା’ ସାବିତ୍ରୀଙ୍କ ପାଖରେ ଭୋଗ ଲଗାଇବା ପରେ ଶାଢ଼ି, ଶଙ୍ଖା ପୂଜା କରିଥିଲେ। ଏହାପରେ ବ୍ରତଧାରିଣୀମାନେ ଦୀପ ଜାଳି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିଥିଲେ।

ଭଦ୍ରକ ଜିଲା ସମେତ ପଡ଼ୋଶୀ ବାଲେଶ୍ୱର, କେନ୍ଦୁଝର ଓ ଯାଜପୁର ଜିଲାରୁ ସଧବା ନାରୀମାନେ ପୂଜା କରିବା ପାଇଁ ଏଠାକୁ ଆସିଥିଲେ। ମନ୍ଦିରକୁ ପ୍ରବେଶ ପାଇଁ ପୂଜା କମିଟି ପକ୍ଷରୁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ବନ୍ତ ପୋଲିସ ପକ୍ଷରୁ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଅତ୍ୟାବଶ୍ୟକ ଚିକିତ୍ସା ପାଇଁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ମୁତୟନ ରହିଥିଲେ। ପଞ୍ଚାୟତ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ କଂଗ୍ରେସ କମିଟି ଜଳଛତ୍ର ଖୋଲିଥିଲେ। ମେଳା ପଡ଼ିଆରେ ଦୋକାନ ବଜାର ଖୋଲାଯାଇଥିଲା। ସନ୍ଧ୍ୟାରେ ଅପେରା ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସନାତନ ପଲେଇ, ରମାକାନ୍ତ ରାଉତ, ବିଜୟ ଜେନା, ଅନାମ ଜେନା, ପ୍ରଫୁଲ୍ଲ ପୁହାଣ, ସୁରେଶ ମଳିକ ପ୍ରମୁଖ ସହଯୋଗ କରିଥିଲେ।



ବ୍ରତଧାରୀ ମହିଳାମାନେ ଦୀପ ଜାଳୁଛନ୍ତି।

**ଦୀପ ଜାଳି ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ**

## ଧାନ ବିକି ପ୍ରାପ୍ୟ ପାଉନାହାନ୍ତି ଚାଷୀ

ବନ୍ତ, ୩।୬ (ଡି.ଏନ.ଏ.)

■ଯୋଗାଣ ବିଭାଗରେ ଅବ୍ୟବସ୍ଥା
■ଧାର୍ଯ୍ୟ ସମୟ ପୂର୍ବରୁ ବନ୍ଦ ହୋଇଗଲା ପି-ପାସ୍
■ଅର୍ଥ ନ ମିଳିଲେ ଧାରଣା ଚେତାବନୀ

ଚାଷୀମାନଙ୍କଠାରୁ ଉଚିତ୍ ମୂଲ୍ୟରେ ଧାନକ୍ରୟ କରିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ହେଲେ ଚଳିତ ଖରିଫ ଋତୁରେ ଶତାଧିକ ଚାଷୀ ଧାନ ବିକ୍ରୟ କରି ପ୍ରାପ୍ୟ ଅର୍ଥ ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଗତ ଦୁଇମାସ ଧରି ଚାଷୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଯୋଗାଣ ବିଭାଗର ଅବ୍ୟବସ୍ଥା ଯୋଗୁ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ବନ୍ତ ବ୍ଲକର ଚାଷୀମାନେ ସରକାରୀ ମୂଲ୍ୟରେ ଧାନ ବିକ୍ରି କରିବା ନେଇ ବିଭିନ୍ନ ସେବା ସମବାୟ ସମିତିରେ ପଞ୍ଜୀକରଣ କରିଥିଲେ। ସେହି ଅନୁସାରେ ଅନେକ ଚାଷୀ ଗତ ମାର୍ଚ୍ଚ ଓ ଏପ୍ରିଲ ମାସରେ ଧାନ ବିକ୍ରି କରିଥିଲେ। ସରକାରୀ ନିୟମ ଅନୁଯାୟୀ, ଚାଷୀ ଧାନ ବିକ୍ରୟ କରିବାର ୨୪ ଘଣ୍ଟା ମଧ୍ୟରେ ପ୍ରାପ୍ୟ ଅର୍ଥ ପାଇବା କଥା। ମାତ୍ର ଏହି ବ୍ଲକ ଅଧୀନ କେନ୍ଦୁଆପଦା ସେବା ସମବାୟ ସମିତିର ପ୍ରାୟ ୮୦ ଜଣ, କ୍ଷେଣ୍ଟିରା ସମିତିର ୧୯, ପଧାନପଡା ସମିତିର ୧୮୪, ବସନ୍ତିଆ ସମିତିର ୬୦, ଟିଲୋ ସମିତିର ୫୨ ଜଣଙ୍କ ସମେତ ଗଣିଜାଙ୍ଗ, ଓଡଙ୍ଗ ଆଦି ସେବା ସମବାୟ ସମିତିର ଚାଷୀମାନେ ଗତ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ଧାନ ବିକି ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। କେନ୍ଦୁଆପଦା ସମବାୟ ସମିତିର ଚାଷୀ ପୀତାମ୍ବର ସ୍ୱାଇଁ, ଅମୂଲ୍ୟ ସାହୁ, ବିଭୂତି ଭୂଷଣ ଲେଙ୍କା, ରମେଶ ମହାପାତ୍ର, ସୁରେନ୍ଦ୍ର ଜେନା, ରମେଶ ରାଉତ ପ୍ରମୁଖ ଚାଷୀ ସେମାନଙ୍କ ପ୍ରାପ୍ୟ ଅର୍ଥ ନ ମିଳିଲେ ସମିତି ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଗତ ମାର୍ଚ୍ଚ ମାସରେ ଯୋଗାଣ ବିଭାଗ ପକ୍ଷରୁ ୧ ଲକ୍ଷ କୁଇଣ୍ଟାଲ ଧାନ କିଣାଯିବା ନେଇ ଚୂଡ଼ାନ୍ତ ଟାର୍ଗେଟ ଦିଆଯାଇଥିଲା। ସେହି ଅନୁଯାୟୀ ଚାଷୀମାନେ ବିଭିନ୍ନ ମଣ୍ଡିରେ ଧାନ ବିକ୍ରି କରିଥିଲେ। ମିଲରମାନେ ଯେଉଁଦିନ ମଣ୍ଡିରୁ ଧାନ କିଣିଲେ ସେହିଦିନ ମଧ୍ୟରେ ଅପ୍‌ଲୋଡ କରି ନ ଥିଲେ। ଏହାମଧ୍ୟରେ ସାଇଟ ବନ୍ଦ ହୋଇଗଲା। ଏପ୍ରିଲ ୩୦ ତାରିଖରେ ପି-ପାସ୍ ଅନଲାଇନ ସାଇଟ୍ ବନ୍ଦ ହେବାକୁ ଥିବାବେଳେ ଆଗୁଆ ଏପ୍ରିଲ ୪ ତାରିଖରେ ବନ୍ଦ ହୋଇଯିବା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ସେହିପରି କେତେକ ସମବାୟ ସମିତିର ସଭାପତି ଓ ସମ୍ପାଦକ ଅସାଧୁ ଉପାୟ ଅବଲମ୍ବନ କରିବାରୁ ଚାଷୀମାନେ ଧାନ ବିକ୍ରି କରିପାରି ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଏଆର୍‌ସିଏସ୍ ସ୍ୱାଗତିକା ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ଧାର୍ଯ୍ୟ ସମୟ ପୂର୍ବରୁ ପି-ପାସ୍ ଅନଲାଇନ ସାଇଟ୍ ବନ୍ଦ ହୋଇଯିବା ଯୋଗୁ ଏଭଳି ସମସ୍ୟା ଦେଖାଯାଇଛି। ଏ ନେଇ ପଦକ୍ଷେପ ନେବାକୁ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି।

## ସଂକ୍ଷେପରେ



### ବିଧାୟକ ଭାଗୀରଥିଙ୍କୁ ସ୍ୱାଗତ

**ହାଟଡିହୀ, ୩।୬(ସ୍ୱ.ପ୍ର.)**- ହାଟଡିହୀ ବିକାଶ ମଞ୍ଚ ତରଫରୁ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କୁ ସ୍ୱାଗତ କରାଯାଇଛି । ରବିବାର ସନ୍ଧ୍ୟାରେ ମଞ୍ଚ ସଭାପତି ନିତ୍ୟାନନ୍ଦ ପହିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଧାୟକଙ୍କ ବାସଭବନରେ ପହଞ୍ଚି ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଥିରେ ସଭାପତି ନିତ୍ୟାନନ୍ଦ ପହି ଓ ସମ୍ପାଦକ ସନାତନ ଜେନାଙ୍କ ସମେତ ସୁରେନ୍ଦ୍ର ବାରିକ, କାମପାଳ ନାୟକ, ସନାତନ ବେହେରା, ଇନ୍ଦ୍ରମଣି ଜେନା, ବିଜୟ କୁମାର ଜେନା, ଶାନ୍ତନୁ ନାୟକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ । ହାଟଡିହୀ ଅଞ୍ଚଳର ସମସ୍ୟା ଓ ବିକାଶ ସମ୍ପର୍କରେ ବିଧାୟକଙ୍କ ସହିତ ଏକ ଘଣ୍ଟା ଧରି ଆଲୋଚନା ହୋଇଥିଲା। ହାଟଡିହୀରେ ଜେଏମ୍ଏଫ୍‌ସି କୋର୍ଟ ଚାଲୁ କରିବା, ହାଟଡିହୀ ସରକାରୀ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦେବାକୁ ପ୍ରାଥମିକତା ଦେବା ସହିତ ହାଟଡିହୀରେ ଏକ କଲ୍ୟାଣମଣ୍ଡପ ନିର୍ମାଣ କରିବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି।

### ଭାଲିଆଡାଳ ସଂରକ୍ଷିତ ଜଙ୍ଗଲରୁ ମାଟି ଚାଲାଣ



**ତେଲକୋଇ, ୩।୬(ଡି.ଏନ.ଏ.)**- ତେଲକୋଇ ବ୍ଲକ ବନାଞ୍ଚଳ ଅଧୀନ ଶିବନାରାୟଣପୁର ଗୋଡା ଅନ୍ତର୍ଗତ ଭାଲିଆଡାଳ ଜଙ୍ଗଲ ଅଞ୍ଚଳରୁ ମାଟି ଚାଲାଣ କରାଯାଉଛି। ଏଥିଯୋଗୁ ଜଙ୍ଗଲ ଧ୍ୱଂସ ହେବା ସହିତ ବିରଳ ଜୀବଜନ୍ତୁ ଗାଁମୁହାଁ ହେବାରେ ଲାଗିଛନ୍ତି। ଏହି ସଂରକ୍ଷିତ ଜଙ୍ଗଲ ଏକ ହଜାର ବର୍ଗମିଟର ହୋଇଥିବା ବେଳେ ଓରିଆ ପଞ୍ଚାୟତ ସହିତ ସଂଲଗ୍ନ ରହିଛି। ଭାଲିଆଡାଳ ଗ୍ରାମରେ ବନ ସୁରକ୍ଷା କମିଟି ସମେତ ଗ୍ରାମବାସୀ ଜଙ୍ଗଲ ସୁରକ୍ଷାରେ ଥିବା ସତ୍ତ୍ୱେ ବେଆଇନ ମାଟି ଉତ୍ତୋଳନକୁ ବିରୋଧ କରି ବନ ବିଭାଗଠାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଜଙ୍ଗଲ ଅଞ୍ଚଳରେ ବିରଳ ହରିଣ, କୁଟୁରା, ବାର୍ହା ଆଦି ଜନ୍ତୁ ଗାଁ ଭିତରକୁ ଆସିବା ଯୋଗୁ ଏହାକୁ ଶିକାର କରାଯାଉଥିବା କୁହାଯାଉଛି। ତେବେ ଏହି ଜଙ୍ଗଲରୁ ଗ୍ରାମବାସୀ ଜଙ୍ଗଲଜାତ ଦ୍ରବ୍ୟ ଆଣି ପରିବାର ପ୍ରତିପୋଷଣର କରୁଥିବା ଦର୍ଶାଇଛନ୍ତି। ଗ୍ରାମବାସୀ ଅନ୍ତର୍ଭୁକ୍ତ ରହି ବନବିଭାଗଠାରେ ତୁରନ୍ତ ମାଟି ଉତ୍ତୋଳନକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ପୀତାମ୍ବର ନାଏକଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ତାଳପଦା ଫରେଷ୍ଟରଙ୍କୁ ତଦନ୍ତ ପାଇଁ ଦାୟିତ୍ୱ ଦିଆଯାଇଛି। ମାଟି ଉତ୍ତୋଳନ କରୁଥିବା ଠିକାସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ସରୁନି ଯୋଡ଼ା-ଜୁରୁଡ଼ି ରାସ୍ତା ନିର୍ମାଣ କାର୍ଯ୍ୟ

**ଯୋଡ଼ା, ୩।୬ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳର ରାଜ୍ୟ ରାଜପଥ ନଂ ୨ ର ଜୁରୁଡି-ବାମେବାରୀ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଦୈନିକ ଏହି ରାସ୍ତା ଦେଇ ବିଭିନ୍ନ ଖଣି କମ୍ପାନୀ ମାନଙ୍କର ଖଣିଜ ବୋଝେଇ ଶହ ଶହ ଟ୍ରକ ଓ ଡମ୍ପର ପରିବହନ କରୁଛନ୍ତି। ଫଳରେ ଜୁରୁଡି ଲାଲଗେଟ ଠାରୁ ହାଟପଦା ଛକ ପର୍ଯ୍ୟନ୍ତ ଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ରାସ୍ତାର ମରାମତି କାର୍ଯ୍ୟ ହୋଉନଥିବାରୁ ତାହା ଧିରେଧିରେ ବଡ ବଡ ଗର୍ତ୍ତ ସୃଷ୍ଟି କରୁଛି। ଏହି ରାସ୍ତା ଦେଇ ଯାଉଥିବା ସାଧାରଣ ପଥଚାରୀ, ବାଇକ ଚାଳକ, ଛୋଟ ଯାନବାହାନ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛି।



ମରଣଯନ୍ତା ପାଲଟିଥିବା ରାସ୍ତା।

ରାଜ୍ୟ ସରକାର ଏହି ରାସ୍ତା ନିର୍ମାଣ କରିବା ପାଇଁ ଟେଣ୍ଡର ଜରିଆରେ ଏକ ଠିକାସଂସ୍ଥାକୁ ଦେଇଛନ୍ତି। ସମ୍ପୃକ୍ତ ଠିକାସଂସ୍ଥାର ରାସ୍ତା ନିର୍ମାଣରେ ବିଳମ୍ବ ଓ ମନ୍ଥର ଗତି ହେତୁ ରାସ୍ତା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏପରିକି ପରିବହନ ଯୋଗୁ ଧୂଳିଧୂଆଁରେ ଅତିଷ୍ଠ ଅଞ୍ଚଳବାସୀଙ୍କ ରାସ୍ତାରେ ଜଳସିଞ୍ଚନ ପାଇଁ ଦାବି କରାଯାଉଥିଲେ ହେଁ ଦିନେ ଦୁଇଦିନ ରାସ୍ତାରେ ପାଣି ସିଞ୍ଚନ କରାଯିବା ପରେ ତାହା ବନ୍ଦ ହୋଇଯାଉଛି। ବାମେବାରୀଠାରୁ ବାଂଶପାଣି ପର୍ଯ୍ୟନ୍ତ ଏ ରାସ୍ତାର ସ୍ଥାନେ ସ୍ଥାନେ ରାସ୍ତା ନିର୍ମାଣ କରାଯାଇ ରାସ୍ତାରେ ଛୋଟ ଚଡ ଚିପ୍ସି ପଡିରହୁଛି । ଯାହା ଫଳରେ ଏହି ରାସ୍ତା ଦେଇ ଯାତାୟତ କରିବା ଅତି ବିପଜ୍ଜନକ ହୋଇପଡିଛି। ସଂପୃକ୍ତ ଠିକାସଂସ୍ଥା ପକ୍ଷରୁ ଏହି ରାସ୍ତା ନିର୍ମାଣରେ ବିଳମ୍ବ କରାଯାଉଥିବାରୁ ଏହି ରାସ୍ତା ଦେଇ ଯୋଡା ବ୍ଲକର ଜଜାଙ୍ଗ, ଜୁରୁଡି, ଜଳହରି, ପଳସା, କାଳିମାଟି ସମେତ ଝୁମ୍ପୁରା ବ୍ଲକ ମହକୁମାର ଲୋକଙ୍କ ପାଇଁ ଯାତାୟତ କରିବା ଦୁର୍ବିସହ ହୋଇପଡିଛି। ଏ ସମ୍ପର୍କରେ ଟେଣ୍ଡର ଜରିଆରେ କାର୍ଯ୍ୟ ପାଇଥିବା ଏକ କମ୍ପାନୀର କନିଷ୍ଠ ଯନ୍ତ୍ରୀ ହିମାଂଶୁ ଚୌଧୁରୀଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଡିଷ୍ଟ୍ରିକ ମିନେରାଲ ଫଣ୍ଡ (ଡିଏମ୍ଏଫ୍) ପକ୍ଷରୁ ୪୭ କୋଟି ଟଙ୍କା ବ୍ୟୟ ଅଟକଳରେ ବାମେବାରୀଠାରୁ ବାଂଶପାଣି ପର୍ଯ୍ୟନ୍ତ ୧୩ କି.ମି. ଦୂରତା ବିଶିଷ୍ଟ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଏହି ଠିକାସଂସ୍ଥା ପାଇଛି । ପିଡବ୍ଲ୍ୟୁଡି ସହିତ ୨୦୨୦ ମସିହା ମଧ୍ୟରେ ଏହି ରାସ୍ତା ନିର୍ମାଣ ଶେଷ କରିବା ପାଇଁ ଚୁକ୍ତି ହୋଇଅଛି । ତେବେ ଏପର୍ଯ୍ୟନ୍ତ ଶତକଡା ୫୦ ପ୍ରତିଶତ ମଧ୍ୟ କାର୍ଯ୍ୟ ଶେଷ ହୋଇପାରିନାହିଁ। ଏହି ରାସ୍ତା ନିର୍ମାଣର ବିଳମ୍ବ କାରଣ ସମ୍ପର୍କରେ ସେ ଅଧିକ ସୂଚନା ଦେଇ କହିଛନ୍ତି ଯେ, ବିଭିନ୍ନ ସ୍ଥାନରେ ଥିବା ଇଲେକ୍ଟ୍ରିକ ଖୁଣ୍ଟ ସ୍ଥାନାନ୍ତର ହୋଇପାରିନାହିଁ । ଜିଲା ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ମଧ୍ୟ ଶେଷ ହୋଇପାରିନାହିଁ, ବିଭିନ୍ନ ସ୍ଥାନରେ ଗଛକଟା ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଏହା ସହିତ ଏହି ରାସ୍ତା ଦେଇ ଯାଇଥିବା ପାଇପ୍‌ଲାଇନ ମଧ୍ୟ ସ୍ଥାନାନ୍ତର ହୋଇପାରିନାହିଁ। ଏହି ସବୁ କାରଣରୁ ରାସ୍ତା ନିର୍ମାଣରେ ବିଳମ୍ବ ହେଉଥିବା ସେ କହିଛନ୍ତି।

## ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ

# ପାସ ହାର ୫୩.୧୧%

**କେନ୍ଦୁଝର, ୩।୬(ସ୍ୱ.ପ୍ର.)**

ଉଚ୍ଚମାଧ୍ୟମିକ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି । କେନ୍ଦୁଝର ଜିଲାରେ ସମୁଦାୟ ୩୧୦୧ ଜଣଙ୍କ ମଧ୍ୟରୁ ୩୦୩୫ ପରୀକ୍ଷା ଦେଇଥିବା ବେଳେ ସମୁଦାୟ ୧୬୧୨ ଜଣ ପାସ କରିଥିବା ଜଣାପଡିଛି । ଚଳିତ ବର୍ଷ ପାସ ହାର ୫୩.୧୧ ପ୍ରତିଶତ ରହିଛି । ପରୀକ୍ଷାରେ ୨୯ ଜଣ ଅସାଧୁ ଉପାୟରେ ପରୀକ୍ଷା ଦେଉଥିବା ଧରାପଡିଥିଲେ। ସମୁଦାୟ ୧୬୧୨ ଜଣ ପାସଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୭୮ଜଣ, ଦ୍ୱିତୀୟ ଶ୍ରେଣୀରେ ୪୮୦, ତୃତୀୟ ଶ୍ରେଣୀରେ ୮୨୭ ଜଣ ପାସ କରିଥିବା ଜଣାପଡିଛି। ଏହା ଛଡା କମ୍ପାର୍ଟମେଣ୍ଟ ପରୀକ୍ଷାରେ ୨୭ ଜଣ ପାସ କରିଥିବା ଜଣାପଡିଛି।

## ଧରଣୀଧର ଜୁନିୟର କଲେଜରେ ପାସ ହାର ୬୯.୧୪%

କେନ୍ଦୁଝର ଜିଲାର ଧରଣୀଧର ଜୁନିୟର ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନର ପାସ ହାର ସମୁଦାୟ ୬୯.୧୪ ପ୍ରତିଶତ ରହିଥିବା ବେଳେ ରେଗୁଲାର ପାସ ହାର ୭୧.୩୬ ପ୍ରତିଶତ ଓ ଏକ୍ସ ରେଗୁଲାର ପାସ ହାର ୫୫.୫୫ ପ୍ରତିଶତ ରହିଛି। ସମୁଦାୟ ୨୨୦ ଜଣ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୬ ଜଣ ପ୍ରଥମ ଶ୍ରେଣୀ, ୬୨ ଜଣ ଦ୍ୱିତୀୟ ଶ୍ରେଣୀ, ୩୯ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବା ଜଣାପଡିଛି। ୬୩ ଜଣ ଫେଲ ହୋଇଛନ୍ତି। ସେହିପରି ଏକ୍ସ ରେଗୁଲାରରେ ୩୬ ଜଣଙ୍କ ମଧ୍ୟରୁ ଦ୍ୱିତୀୟ ଶ୍ରେଣୀରେ ୪ ଜଣ, ତୃତୀୟ ଶ୍ରେଣୀରେ ୧୬ ଜଣ ପାସ କରିଥିବାବେଳେ ୧୬ ଜଣ ଫେଲ ହୋଇଥିବା ଜଣାପଡିଛି । ସମୁଦାୟ ୬୦୦ ମାର୍କରୁ ମାୟା ଯାଦବ ୫୦୭ ନମ୍ବର ରଖି ମହାବିଦ୍ୟାଳୟରେ ପ୍ରଥମ ହୋଇଥିବା ବେଳେ ୫୦୬ ନମ୍ବର ରଖି ପ୍ରଦୀପ କୁମାର ସାହୁ ଦ୍ୱିତୀୟ ହୋଇଥିବା ଜଣାପଡିଛି ।

## ପାଟଣାରେ ପାସ୍ ହାର ନୈରାଶ୍ୟଜନକ

**ପାଟଣା, ୩।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଞ୍ଚଳରେ ଉଚ୍ଚ ମାଧ୍ୟମିକ ପରିଷଦ, ଭୁବନେଶ୍ୱର ଦ୍ୱାରା ପରିଚାଳିତ ଯୁକ୍ତ ୨ବିଜ୍ଞାନ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି । ମୋଟା ମୋଟି ଭାବେ ପାଟଣା ଅଞ୍ଚଳରେ ୩ଟି ସ୍କୁଲ ପରୀକ୍ଷା କେନ୍ଦ୍ର ରେ ହୋଇଥିବା ପରୀକ୍ଷା ଫଳ ଅତ୍ୟନ୍ତ ନୈରାଶ୍ୟ ଜନକ ହୋଇଛି। ସ୍ୱାମପାଟଣା ରେ ଚଳିତ ବର୍ଷ ପରୀକ୍ଷା ଦେଇଥିବା ମୋଟ ୧୧୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯ଜଣ ପାସ କରିଥିବା ବେଳେ, ତୁରୁମୁଙ୍ଗା ସ୍ଥିତ ଦଧିବାମାନ ହାଇୟର ସେକେଣ୍ଡାରୀ ସ୍କୁଲରେ ୪୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮ଜଣ ପାସ କରିଥିବା ବେଳେ ଡୁମୁରିଆ ସ୍ଥିତ ଭୀମକୁଣ୍ଡ ସ୍କୁଲରେ ୪୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪ଜଣ ପାସ କରିଛନ୍ତି। ସ୍ୱାମପାଟଣାରେ ୨୬ପ୍ରତିଶତ, ତୁରୁମୁଙ୍ଗା ରେ ୪୦ପ୍ରତିଶତ ଓ ଡୁମୁରିଆ ରେ ୩୦ ପ୍ରତିଶତ ପରୀକ୍ଷା ଫଳ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଚଳିତ ବର୍ଷ ପରୀକ୍ଷା ସମୟରେ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପ୍ରଥମ କରି ସିସିଟିଭିର ପ୍ରଚଳନ ଯୋଗୁ ପରୀକ୍ଷାର୍ଥୀଙ୍କ ସଫଳତା ହାର କମିଥିବା କୁହାଯାଉଛି। ତେବେ ଗଣଶିକ୍ଷା ବିଭାଗର ସିସିଟିଭି ପ୍ରଚଳନକୁ ବୁଦ୍ଧିଜୀବୀ ମହଲରେ ପ୍ରସଂଶା କରାଯାଇଛି।

# କେନ୍ଦୁଝର ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ଦାବି

**କେନ୍ଦୁଝର, ୩।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଭରି ରହିଛି ଖଣିଜ ସମ୍ପଦ। କିନ୍ତୁ ଏହାର ସଦୁପଯୋଗ ପାଇଁ ଏଠାରେ ସେଭଳି ବୃହତ ଇସ୍ପାତ କାରଖାନା ନାହିଁ। ରାଜ୍ୟ ସରକାର ଏହି ଜିଲାକୁ ଇସ୍ପାତ ଜିଲାରେ ପରିଣତ କରିବା ଲାଗି କହିଥିଲେ। ଆର୍ସେଲର ମିତଲ, ଷ୍ଟାରଲାଇଟ, ଉତ୍ତମ ଗାଲଭା ଭଳି ବୃହତ ସଂସ୍ଥା ସହିତ ଏମଏୟୁ ଦସ୍ତଖତ କରି ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଘୋଷଣା କଲେ। ସେହିପରି ଜିଲାରେ ଥିବା ସ୍ପଞ୍ଜ କାରଖାନା ଗୁଡିକ ସମ୍ପ୍ରସାରଣ କରି ଇସ୍ପାତ ଉତ୍ପାଦନ ଶିଳ୍ପ କରିବା ପାଇଁ ଏମଓୟୁ ଦସ୍ତଖତ କରିଥିଲେ। କିନ୍ତୁ ସେସବୁ ଘୋଷଣାରେ ସୀମିତ ହୋଇ ରହିଲା । ଫଳରେ ଜିଲାର ଅର୍ଥନୈତିକ ଅବସ୍ଥା ଓ ବେରୋଜଗାର ସମସ୍ୟା ଗୁରୁତର ହୋଇ ପଡିଛି ।

କେନ୍ଦ୍ର ସରକାର ଏହି ଜିଲାରେ ସେଲ ଦ୍ୱାରା ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ପୂର୍ବରୁ ଆଗ୍ରହ ପ୍ରକାଶ କରିଥିଲେ ବି ତାହା ହୋଇ ପାରିଲା ନାହିଁ । ଫଳରେ ଏହି ଜିଲାର ଖଣିଜସମ୍ପଦକୁ ଅନ୍ୟ ଜିଲା ଓ ରାଜ୍ୟ ତଥା ରାଜ୍ୟ ବାହାରକୁ ଚାଲାଣ କରି ସରକାର ଓ ବିଭିନ୍ନ କମ୍ପାନୀ, ଟ୍ରାନ୍ସପୋର୍ଟର, ଟ୍ରକ ମାଲିକ ମାନେ ଲାଭବାନ ହେଲେ। ଅପରପକ୍ଷରେ ଜିଲା ତଥା ଜିଲାବାସୀ ଅବହେଳିତ ହୋଇ ଜୀବନ ବିତାଉଛନ୍ତି।

ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଓଡିଶାରେ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ଦେଇଥିବା ପ୍ରସ୍ତାବ ପୁଣି ଥରେ କେନ୍ଦୁଝରବାସୀଙ୍କ ଆଶା ସଞ୍ଚାର କରିଛି। ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଥିବାରୁ ସେଲ ଦ୍ୱାରା ସ୍ଥାପନ ହେବାକୁ ଥିବା ମେଗା ଇସ୍ପାତ କାରଖାନା ଏହି ଜିଲାରେ କରିବାକୁ ଦାବି ହୋଇଛି।

ଜିଲାରେ ପାଖାପାଖି ୭୦ ଲୌହ ଖଣି ରହିଥିବା ବେଳେ ଚିରସ୍ରୋତା ବୈତରଣୀ ନଦୀ ଏବଂ ଗମନାଗମନ ପାଇଁ ଏନଏଚ ୨୦ ଓ ଏନଏଚ ୪୯ ରହିଛି। ତେବେ ଏହି କାରଖାନା ଝୁମ୍ପୁରା ବ୍ଲକ କୁଟୁଗାଁ ପଞ୍ଚାୟତରେ କରିବା ଲାଗି କେନ୍ଦୁଝରସ୍ଥିତ ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ପ୍ରଧାନଙ୍କୁ ପତ୍ର ଲେଖି ଦାବି କରାଯାଇଛି। ଏଠାରେ ପାଖାପାଖି ୭୦୦ ଏକର ଜମି ପଡିଆ ପଡିଛି । ଇସ୍ପାତ କାରଖାନା ପ୍ରତିଷ୍ଠା ହେଲେ ଉକ୍ତ ଅଞ୍ଚଳର ବିକାଶ ହେବା ସହ ପୂର୍ବରୁ ହୋଇଥିବା କ୍ଷୟକ୍ଷତି ଭରଣା ହୋଇପାରିବ ବୋଲି ସେମାନେ କହିଛନ୍ତି। ଏଠାକୁ ସୁବିଧାରେ ଯୋଡା ଖଣିମଣ୍ଡଳ ଅଧୀନସ୍ଥ ଖଣିଗୁଡ଼ିକରୁ କଞ୍ଚାମାଲ ଏନଏଚ ୨୦ ଏବଂ ପଳାଶପଙ୍ଗା କିଡ୍‌କୋ ରାସ୍ତା ଦେଇ ପରିବହନ ହୋଇପାରିବ। ଏଥିସହ ଆଖପାଖ ଅଞ୍ଚଳ ତଥା ଜିଲାର ଶିକ୍ଷିତ ଯୁବକ ମାନେ ରୋଜଗାର ପାଇପାରିବେ ଓ ଜିଲାର ବିକାଶ ହୋଇପାରିବ ବୋଲି ମଞ୍ଚର ସାଧାରଣ ସମ୍ପାଦକ ନବୀନ କୁମାର ପଲେଇ କହିଛନ୍ତି।

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଟ୍ରକ ହେଲପର ଗୁରୁତର

**ବଡବିଲ, ୩।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ରୁଗୁଡିଥାନା ଅନ୍ତର୍ଗତ ଲୋଇଡାପଦାଠାରେ ସୋମବାର ଏକ ଟ୍ରକ ଡାଲାରେ ଚଢିଥିବା ହେଲପର ହାଇଟେନଶନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେ ହେଲେ ଇମତିୟାଜ୍ ଅହମ୍ମଦ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରୁଗୁଡି ଥାନା ଅନ୍ତର୍ଗତ ଲୋଇଡାପଦାସ୍ଥିତ ଶ୍ରୀମେଟାଲିକ୍ସ ପ୍ଲାଣ୍ଟ ଅପରପାର୍ଶ୍ୱରେ ଥିବା ପାର୍କିଂସ୍ଥଳିରେ ଟ୍ରକ ଗୁଡିକ ଛିଡା ହୋଇଥିଲା । ଏହି ସମୟରେ ଏକ ଟ୍ରକ ଡାଲାରେ ଚଢି ହେଲପର ଇମତିୟାଜ୍ ପାଲ ଘୋଡାଉଥିଲାବେଳେ ଉପରେ ଯାଇଥିବା ହାଇ ଟେନଶନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଳିଯାଇଥିଲେ । ରୁଗୁଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ତାଙ୍କୁ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବାବେଳେ ପରେ କେନ୍ଦୁଝର ସ୍ଥାନାନ୍ତର କରାଯାଇଛି। ଜଣାପଡିଛି। ଇମତିୟାଜ୍‌ଙ୍କର ୬୦ ପ୍ରତିଶତ ଶରୀର ପୋଡିଯାଇଥିବା ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେହେଁ ଟ୍ରକକୁ ଜବତ କରିପାରିନାହିଁ।

## ବିପଦସଙ୍କୁଳ ଭାବେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର



ଘର ନ ଥିବାରୁ ବାହାରେ ସଭା କାର୍ଯ୍ୟ ଚାଲିଛି।

**ହାଟଡିହୀ, ୩।୬(ଡି.ଏନ୍.ଏ.)**

ଶିଶୁ ମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ ଠାରୁ ଆରମ୍ଭ କରି ପ୍ରାଥମିକ ଶିକ୍ଷା ପ୍ରଦାନ ପାଇଁ ସରକାରୀ ସ୍ତରରେ ବିଭିନ୍ନ ଅଞ୍ଚଳରେ ଅଙ୍ଗନୱାଡ଼ି ଓ ମିନି ଅଙ୍ଗନୱାଡ଼ି କେନ୍ଦ୍ର ମାନ ଖୋଲିଛନ୍ତି। କେତେକ ସ୍ଥାନରେ ଏଥି ନିମନ୍ତେ ସରକାର ଗୃହର ବ୍ୟବସ୍ଥା ଗ୍ରହଣ କରିଥିବାବେଳେ କେଉଁଠି ଗୃହ ଅଭାବରୁ ସ୍କୁଲ ବାରଣ୍ଡା ହେଉ କି ଗଛ ମୂଳେ କେନ୍ଦ୍ର ଚାଲିଛି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାଳଣିଆ ଅଙ୍ଗନୱାଡ଼ି କେନ୍ଦ୍ର। ନିକଟସ୍ଥ ବିଦ୍ୟାଳୟରେ ଏହି ଅଙ୍ଗନୱାଡି କେନ୍ଦ୍ର ଚାଲୁଅଛି। ନିୟମ ଅନୁସାରେ ମାସକରେ ଥରେ ଏଠାରେ ଦିଦିମାନଙ୍କର ମାସିକ ରିପୋର୍ଟ ରିଟର୍ଣ୍ଣ ଓ ବୈଠକ ମଧ ହୋଇଥାଏ । ତେବେ ଘର ଅଭାବରୁ ମାସିକିଆ ବୈଠକ ପାଇଁ କେତେବେଳେ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହ ଉପରେ ନିର୍ଭର କରିଥାନ୍ତି ତ ଆଉ କେତେବେଳେ ଡାକ୍ତରଖାନା ବାରଣ୍ଡା ଉପରେ ନିର୍ଭର କରିଥାନ୍ତି। ଏଭଳି କ୍ଷେତ୍ରରେ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ଉପରେ ନିର୍ଭର କରୁଥିବା କୁନି କୁନି ପିଲାଙ୍କ ଭବିଷ୍ୟତ କେତେ ସୁରକ୍ଷିତ ତାହା ସହଜରେ ଅନୁମେୟ। ହାଟଡିହୀ ବ୍ଲକ ଅଞ୍ଚଳରେ ଦିନକୁ ଦିନ ନାବାଳିକା ଅପହରଣ ଓ ବାଲ୍ୟ ବିବାହ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଆନନ୍ଦପୁର ଚାଇଲ୍ଡଲାଇନ୍ ପକ୍ଷରୁ ଏକ ସଚେତନତା ସଭା କରିବା ନିମନ୍ତେ ସମ୍ପୃକ୍ତ କେନ୍ଦ୍ରକୁ ଯାଇଥିଲେ। ହେଲେ ଏହି କେନ୍ଦ୍ରର ଅବସ୍ଥା ଦେଖି ଶେଷରେ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଛପାଖରେ ଥିବା ଏକ ସରକାରୀ କ୍ୱାର୍ଟର ବାରଣ୍ଡାରେ ଏହି ସଭା କରିବାକୁ ବାଧ୍ୟ ହୋଇଥିଲେ। ତୁରନ୍ତ ଏକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାସ୍ତା ମରାମତି କଲେ ମହିଳା

**ଆନନ୍ଦପୁର, ୩।୬(ସ୍ୱ.ପ୍ର.)**

ପବିତ୍ର ସାବିତ୍ରୀ ଓଷା ପ୍ରତ୍ୟେକ ଓଡିଆ ସଧବା ବୋହୂଙ୍କ ପାଇଁ ଏକ ମହତ୍ୱପୂର୍ଣ୍ଣ ପର୍ବ। ଏହି ଦିବସରେ ସଧବା ନାରୀମାନେ ବ୍ରତ ଧାରଣ କରି ନିଜ ସ୍ୱାମୀଙ୍କ ମଙ୍ଗଳ ତଥା ଦୀର୍ଘ ଜୀବନ କାମନା କରିଥାନ୍ତି। ଏହିଭଳି ଏକ ପବିତ୍ର ଦିବସରେ ଜଣେ ସଧବା ନାରୀ ସାବିତ୍ରୀ ବ୍ରତ ପାଳନକୁ ପଛରେ ରଖି ସମାଜସେବା କାର୍ଯ୍ୟକୁ ଆଗ କରିବାକୁ ଶ୍ରେୟ ମନେ କରି ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।



କଙ୍କ୍ରିଟ ପକାଇ ରାସ୍ତା ମରାମତି କରାଯାଉଛି।

ସରକାରୀ ଚାକିରୀ କରିଥିବା ଜଣେ ମହିଳା ନିଜ ପରିଜନଙ୍କୁ ସାଙ୍ଗରେ ଧରି ଦୈନନ୍ଦିନ ଯାତାୟତ କରୁଥିବା ଏକ ପୋଲ ଉପରେ ସୃଷ୍ଟି ହୋଇଥିବା ଖାଲଖମାକୁ ନିଜ ଦରମା ପଇସାରେ କଙ୍କ୍ରିଟ କରି ସମତୁଲ କରିବାରେ ଲାଗିପଡିବା ତାଙ୍କ ସେବା ମନବୃତ୍ତିର ଜ୍ୱଳନ୍ତ ଉଦାହରଣ ପାଲଟିଛି। ମହିଳା ଜଣଙ୍କ ୨୦ ନଂ ଜାତୀୟ ରାଜପଥର ବେଲବାହାଳି ପୁରୁଣା ବ୍ରିଟିଶ ଅମଳର ସେତୁ ଉପରେ ସୃଷ୍ଟି ହୋଇଥିବା ଖାଲଖମାକୁ ଏହି ସାବିତ୍ରୀ ଓଷାରେ ସମତୁଲ କରିବା ଆରମ୍ଭ କରିଛନ୍ତି। ସେ ହେଲେ ରତ୍ନମଣି ଦାସ। ସାବିତ୍ର ବ୍ରତ ଦିନ କଣ ପାଇଁ ଏହି କାର୍ଯ୍ୟ କରିବାକୁ ଇଛା କଲେ ବୋଲି ପଚାରିବାରୁ ସଧବା ନାରୀ ମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ନିଜ ସ୍ୱାମୀଙ୍କ ମଙ୍ଗଳ ପାଇଁ ପୂଜା ପାଠ କରିଥାନ୍ତି। ଏହି ଦିନରେ ବି ଏହି ରାସ୍ତା ଦେଇ କେତେ ମହିଳାଙ୍କ ସ୍ୱାମୀମାନେ ଯାତାୟତ କରୁଛନ୍ତି, ଏହି ଖାଲରେ ପଡି ଯଦି କେଉଁ ସ୍ୱାମୀଙ୍କର କଣ ହେବ ତାହା ତାଙ୍କ ପରିବାରରେ ଶୋକର ବାତାବରଣ ଆଣିଦେବ। ତେଣୁ ଏହି ସାବିତ୍ରୀ ବ୍ରତ ଦିନ ସେ ନିଜେ ଏହି ଖାଲଖମାର ମରାମତି କରିବାକୁ ମନବଳାଇଥିବା କହିଛନ୍ତି।

## ନାବାଳକ ମୃତ ଘଟଣା କ୍ଷତିପୂରଣ ମିଳିବା ପରେ ରାସ୍ତା ଅବରୋଧ ହଟିଲା

**ଯୋଡ଼ା, ୩।୬(ଡି.ଏନ.ଏ.)**– ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡିସ୍ଥିତ କେଏମ୍‌ସି ଗଣେଶ ମନ୍ଦିର ଛକଠାରେ ଡମ୍ପର ଚାପାରେ ରବିବାର ମୃତ୍ୟୁ ଘଟିଥିବା ନାବାଳକଙ୍କ ପରିବାରକୁ କ୍ଷତିପୂରଣ ମିଳିବା ପରେ ଅଞ୍ଚଳବାସୀ ରାସ୍ତା ଅବରୋଧରୁ ହଟିଛନ୍ତି। ମୃତ ନାବାଳକଙ୍କ ପରିବାରକୁ ଦୁର୍ଘଟଣା ଘଟାଇଥିବା ଡମ୍ପର ମାଲିକଙ୍କ ପକ୍ଷରୁ ରବିବାର ବିଳମ୍ବିତ ରାତିରେ ୫୦ ହଜାର ଟଙ୍କାର କ୍ଷତିପୂରଣ ମିଳିବା ପରେ ରାସ୍ତା ଅବରୋଧରୁ ଓହରିବା ସହିତ ପୋଲିସକୁ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ହସ୍ତାନ୍ତର କରିଥିଲେ।

# ସାବିତ୍ରୀ ବ୍ରତ ପାଳିଲେ ଶତାଧିକ ମହିଳା

**କେନ୍ଦୁଝର,/ରାଇସୁଆଁ/ଢେଙ୍କିକୋଟ, ୩।୬(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ପୁରପଲ୍ଲୀରେ ସାବିତ୍ରୀ ବ୍ରତ ପାଳିତ ହୋଇଛି। ବିଭିନ୍ନ ଦେବଦେବୀ ପୀଠରେ ବିବାହିତା ମହିଳାମାନେ ସେମାନଙ୍କ ସ୍ୱାମୀଙ୍କ ଶୁଭ ମନାସି ଓ ଦୀର୍ଘଜୀବନ କାମନା କର ଉପବାସ ରହି ଓ ବ୍ରତ ରଖି ପୂଜାର୍ଚ୍ଚନା କରିଛନ୍ତି। ପଦ୍ମପୁର ବ୍ୟତୀତ ଆଖପାଖ କେନ୍ଦୁପୋଶି, ନରସିଂହପୁର, ଭାଗୁଣିଆଁ, ପୁରୁଳିଆ, ବନାଯୋଡ଼ି, ଜଡିଚାତର, ହାତିକୁଚା, ଡିମିରିଡିହା, କେନ୍ଦୁଝର ସଦର ଅଞ୍ଚଳରେ ସାବିତ୍ରୀ ବ୍ରତ ବେଶ୍ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। କେନ୍ଦୁଝର ସହରର ବଳଦେବଜୀଉ ମନ୍ଦିର,ରାମ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିରମାନଙ୍କରେ ମହିଳାମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଗ୍ରାମାଞ୍ଚଳରେ ମହିଳାମାନେ ଏକତ୍ରିତ ହୋଇ ବୃକ୍ଷମୂଳରେ ସାବିତ୍ରୀ ବ୍ରତ ପୂଜାର୍ଚ୍ଚନା କରିବା ସହ ସ୍ୱତନ୍ତ୍ର ଭାବେ ସାବିତ୍ରୀ ବ୍ରତ ପାଳନ କରିଥିବା ଦେଖାଯାଇଛି। ରାଇସୁଆଁରେ ମଧ ବହୁ ମହିଳା ବ୍ରତ ପାଳନ କରିଛନ୍ତି। ଢେଙ୍କିକୋଟ ମଣ୍ଡଳସାହି ଏବଂ ବଜାରସ୍ଥିତ ବାବା ବିଶ୍ୱନାଥ ମନ୍ଦିରରେ ମହିଳାଙ୍କ ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ଘରେ ଘରେ ମହିଳାମାନେ ପୂଜକ ଡକାଇ ମଧ ପୂଜା ଉପାସନା କରିଛନ୍ତି।



ମହିଳାମାନେ ଏକତ୍ରିତ ହୋଇ ପୂଜା କରୁଛନ୍ତି।

# ତାର ଟଣା ହୋଇଛି, ଜଳୁନି ଲାଇଟ୍

**କେନ୍ଦୁଝର, ୩।୬(ସ୍ୱ.ପ୍ର.)**

- ବିଦ୍ୟୁତ ସଂଯୋଗ ନ ହୋଇ ହେଉଛି ଘୋଷଣା
- ଏବେ ବି ବହୁ ଗ୍ରାମ ଅନ୍ଧାରରେ

ଓଡିଶାର ସମସ୍ତ ଗ୍ରାମ୍ୟ ବିଦ୍ୟୁତ ସଂଯୋଗ ହୋଇଛି। ଏପ୍ରିଲ ୨୮ ସୁଦ୍ଧା ବିଦ୍ୟୁତକରଣ ସରିଛି । ଏଭଳି ତଥ୍ୟ ସୂଚନା ଅଧିକାର ଆଇନ ବଳରେ କେନ୍ଦ୍ର ସରକାରଙ୍କ ଠାରୁ ମିଳିଥିବା ତଥ୍ୟରୁ ଏହା ଜଣାପଡିଛି । ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା (ପୂର୍ବରୁ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ କରଣ ଯୋଜନା) ରେ ଏହି ରାଜ୍ୟରେ ବିଦ୍ୟୁତକରଣ ଚାଲିଛି । ତେବେ ସମସ୍ତ ଗ୍ରାମ ବା ଘରକୁ ବିଦ୍ୟୁତ ସଂଯୋଗ ନ ହୋଇ କିପରି ବିଦ୍ୟୁତକରଣ ସରିଥିବା ତଥ୍ୟ ଦିଆଯାଉଛି ତାହାକୁ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ।

କେନ୍ଦୁଝର ଜିଲାରେ ବିଦ୍ୟୁତକରଣ କାର୍ଯ୍ୟଚାଲିଥିଲେ ହେଁ ଅଦ୍ୟାବଧି ସବୁ ଗ୍ରାମ/ସାହି ତଥା ହିତାଧିକାରୀଙ୍କ ଘରକୁ ବିଦ୍ୟୁତସଂଯୋଗ କାମ ସରିନାହିଁ। ଏଣୁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅନେକ ସମୟରେ ଗ୍ରାମବାସୀମାନେ ଆସି ଅଭିଯୋଗ କରିଆସୁଛନ୍ତି। ପାଖାପାଖି ୧୦ ହଜାର ବିଦ୍ୟୁତ ଖୁଣ୍ଟର ହିସାବ ମିଳୁ ନ ଥିବାରୁ ଏହି ସବୁ ଗ୍ରାମରେ ବିଦ୍ୟୁତକରଣ କାମ ହୋଇପାରୁ ନ ଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏହି ସବୁ ଖୁଣ୍ଟର ମୂଲ୍ୟ ପୈଠ ହୋଇସାରିଛି । ସେହିପରି ୫ ଟି ଟ୍ରାନ୍ସଫର୍ମର, କେବୁଲ ଆଦିର ହିସାବ ମିଳୁ ନ ଥିବା ଜଣାପଡିଛି। ଫଳରେ ଅନେକ ଗ୍ରାମରେ ବିପିଏଲ ପରିବାର କନେକ୍ସନ ପାଇ ନ ଥିବା ଅଭିଯୋଗ ହୋଇଛି। ଜିଲାର ବାଂଶପାଳ, ଯୋଡା, ତେଲକୋଇ ଆଦି ବ୍ଲକର ବହୁ ଗ୍ରାମରେ ଏବେ ମଧ୍ୟ ଘର ମାନଙ୍କରେ ଲୁହା ବଙ୍କୁଲି ବାଡି ବସାଯାଇଛି। ତାର ଟଣା ଯାଇଥିଲେ ହେଁ ଅଦ୍ୟାବଧି ବିଦ୍ୟୁତ ସଂଯୋଗ ହୋଇପାରୁ ନାହିଁ। ଏଣୁ ଏହି ବିଦ୍ୟୁତ କରଣ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଥିବାରୁ ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି। ଯେଉଁ ଗ୍ରାମରେ ଖୁଣ୍ଟ ପଡିଛି ସେହି ଗ୍ରାମ ବିଦ୍ୟୁତକରଣ ସରିଥିବା ତଥ୍ୟ ଦିଆଯାଇଥିବା ଅଭିଯୋଗ ହେଉଛି । ଏଣୁ ଏହାର ତଦାରଖ ନେସ୍କୋ ବିଭାଗ କରୁଥିଲେ ହେଁ କିପରି ସତ୍ୟତା ପଦାକୁ ଆସୁନାହିଁ ତାହାକୁ ନେଇ ଆଲୋଚନା ହେଉଛି। ଏସମ୍ପର୍କରେ ନସ୍କୋ ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସ କହିଛନ୍ତି ଯେ ସମସ୍ତ ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇଯାଇଛି। କିନ୍ତୁ ସବୁ ଘରକୁ ପୂର୍ଣ୍ଣ ମାତ୍ରାରେ ବିଦ୍ୟୁତ ସଂଯୋଗ ହୋଇନାହିଁ। ଯେଉଁ ସବୁ ଘର ମାନଙ୍କରେ କାମ ସରିନାହିଁ ସେହିସବୁ ଘରକୁ ତୁରନ୍ତ ସଂଯୋଗ ଦେବାକୁ କାମ କରୁଥିବା ସଂସ୍ଥାକୁ କୁହାଯାଇଛି। ଜୁନ ସୁଦ୍ଧା ଶେଷ କରିବାକୁ କୁହାଯାଇଛି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଜୁନ୍ ୪/୨୦୧୯ Balasore, Tuesday, June 4/2019

# ଉତ୍ତର ଓଡ଼ିଶା ଜୋନ୍‌ରେ କମୁଛି ପାସ୍ ହାର

**ବାରିପଦା ଅଫିସ,୩।୬**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ସମଗ୍ର ରାଜ୍ୟରେ ପାସ୍‌ହାର ୭୨.୩୩ ପ୍ରତିଶତ ରହିଛି। ଉତ୍ତର ଓଡ଼ିଶା ଜୋନ୍ ଅଧୀନ ବାଲେଶ୍ୱର ଜିଲାରେ ୮୬.୫୬ ପ୍ରତିଶତ, ଭଦ୍ରକରେ ୭୬.୪୮ ପ୍ରତିଶତ, ମୟୂରଭଞ୍ଜରେ ୬୫.୦୮ ପ୍ରତିଶତ ଓ କେନ୍ଦୁଝର ଜିଲାରେ ୫୩.୧୧ ପ୍ରତିଶତ ପାସ୍‌ହାର ହୋଇଛି। ଗତବର୍ଷ ଉତ୍ତର ଓଡ଼ିଶା ଜୋନ୍‌ସ୍ତରରେ ବାଲେଶ୍ୱର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଚଳିତ ବର୍ଷ ରାଜ୍ୟସ୍ତରରେ ପ୍ରଥମ ସ୍ଥାନରେ ରହିଛି। ମାତ୍ର ୨୦୧୫, ୨୦୧୬, ୨୦୧୭ ଓ ୨୦୧୮ ଫଳାଫଳକୁ ଦେଖିଲେ ବାଲେଶ୍ୱର ସମେତ ମୟୂରଭଞ୍ଜ, କେନ୍ଦୁଝର ଓ ଭଦ୍ରକ ଜିଲାରେ ମଧ୍ୟ ପୂର୍ବବର୍ଷ ତୁଳନାରେ ପାସ୍‌ହାର କମିଛି।

ଏହି ଜୋନ୍‌ରେ ୧୭,୯୧୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୩୦୪୫ ଜଣ ପାସ୍ କରିଛନ୍ତି। ସେଥିମଧ୍ୟରୁ ୩୭୨୮ ଜଣ ପ୍ରଥମ, ୪୬୮୩ ଦ୍ୱିତୀୟ, ୫୫୦୭ ତୃତୀୟ ଶ୍ରେଣୀରେ ଏବଂ ୧୧୯ ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଛନ୍ତି। ବାଲେଶ୍ୱର ଜିଲାରେ ମୋଟ ୬୬୬୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୫୭୬୮ ପାସ୍ କରିଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୨୧୦, ଦ୍ୱିତୀୟ ଶ୍ରେଣୀରେ ୨୧୫୩, ତୃତୀୟ ଶ୍ରେଣୀରେ ୧୩୭୦ ଓ କମ୍ପାର୍ଟମେଣ୍ଟାଲରେ ୩୫ ଜଣ ପାସ୍ ହୋଇଛନ୍ତି। ଭଦ୍ରକ ଜିଲାରେ ୨୮୦୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୧୪୭ ପାସ୍ କରିଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୨୦, ଦ୍ୱିତୀୟ ଶ୍ରେଣୀରେ ୯୦୦, ତୃତୀୟ ଶ୍ରେଣୀରେ ୭୦୧ ଓ ୨୬ ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଛନ୍ତି। ମୟୂରଭଞ୍ଜ ଜିଲାରେ ୫୪୦୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୩୫୧୮ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୨୦, ଦ୍ୱିତୀୟ ଶ୍ରେଣୀରେ ୧୧୫୦, ତୃତୀୟ ଶ୍ରେଣୀରେ ୧୬୦୯ ଓ ୩୧ ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଛନ୍ତି। କେନ୍ଦୁଝର ଜିଲାରେ ୩୦୩୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୬୧୨ ପାସ୍ କରିଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୭୮, ଦ୍ୱିତୀୟ ଶ୍ରେଣୀରେ ୪୮୦, ତୃତୀୟ ଶ୍ରେଣୀରେ ୮୨୭ ଓ ୨୭ ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ ହୋଇଛନ୍ତି। ସେହିପରି ବାଲେଶ୍ୱର ଜିଲାରୁ ୧୩, ଭଦ୍ରକରୁ ୬, ମୟୂରଭଞ୍ଜରୁ ୨୦ ଏବଂ କେନ୍ଦୁଝର ଜିଲାରୁ ୨୯ ଜଣଙ୍କୁ ମିଶାଇ ମୋଟ ୬୮ ଜଣ ମାଲପ୍ରାକ୍ଟିସ୍ ହୋଇଛନ୍ତି। ଏହି ଜୋନ୍‌ରେ କ୍ରମାଗତ ଭାବେ ପାସ୍‌ହାର କମୁଛି, ଯାହା ଅଭିଭାବକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏ ନେଇ ସମୀକ୍ଷା ହେବା ଆବଶ୍ୟକ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି।

**ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ**

| ମସିହା | ୨୦୧୫ | ୨୦୧୬ | ୨୦୧୭ | ୨୦୧୮ | ୨୦୧୯ |
|---|---|---|---|---|---|
| ମୟୂରଭଞ୍ଜ | ୬୮.୯୩ | ୭୫.୮୯ | ୭୭.୨୫ | ୭୦.୭୬ | ୬୫.୦୮ |
| ବାଲେଶ୍ୱର | ୯୨.୬୦ | ୯୩.୬୦ | ୯୩.୬୧ | ୮୯.୬୧ | ୮୬.୫୬ |
| ଭଦ୍ରକ | ୮୪.୩୬ | ୮୪.୪୩ | ୮୫.୧ | ୮୧.୧୦ | ୭୬.୪୮ |
| କେନ୍ଦୁଝର | ୭୩.୦୫ | ୭୦.୯୮ | ୭୯.୯୫ | ୬୫.୩୪ | ୫୩.୧୧ |

## ସଂକ୍ଷେପରେ

### ଫାଣ୍ଡି ଅଧିକାରୀଙ୍କୁ ହତ୍ୟା ଧମକ

**ରାଇରଙ୍ଗପୁର,୩।୬(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହାଟବାଦଡା ଫାଣ୍ଡି ଅଧିକାରୀ ଏଏସଆଇ ବରୁଣ ଗିରିଙ୍କୁ ରବିବାର ଦେଓଗାଁ ଗ୍ରାମର ସେକ କୁରବାନ ଭୁଜାଲି ଦେଖାଇ ହତ୍ୟା ଧମକ ଦେଇଥିବା ଜଣାପଡିଛି। ଫାଣ୍ଡି ଅଧିକାରୀଙ୍କ ଲିଖିତ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୪୨/୧୯)ରୁଜୁ ହୋଇଛି। ଶନିବାର ସେକ କୁରୁବାନଙ୍କ ସାନ ଭାଇ ସେକ ଉସମାନଙ୍କୁ କୌଣସୀ କାରଣରୁ ଗୋପାଳପୁର ଗ୍ରାମର କେତେକ ଲୋକ ମାଡ ମାରି ଆହତ କରିଥିଲେ। ଗୁରୁତର ଅବସ୍ଥାରେ ଉସମାନ ବାରିପଦା ସ୍ଥିତ ପିଆରଏମ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ଏହି ଘଟଣା ନେଇ ରବିବାର ଫାଣ୍ଡିକୁ ଆସି କୁରବାନ ପାଟିତୁଣ୍ଡ କରିଥିଲେ। ଫାଣ୍ଡି ଅଧିକାରୀ ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିବା ବେଳେ ଉତକ୍ଷିପ୍ତ କୁରବାନ ଏକ ଭୁଜାଲି ଦେଖାଇ ଫାଣ୍ଡି ଅଧିକାରୀଙ୍କୁ ହତ୍ୟା ଧମକ ଦେଇଥିଲେ। ସେଠାରେ ଥିବା ଅନ୍ୟ ପୋଲିସ କର୍ମଚାରୀମାନେ ତାଙ୍କୁ କାବୁ କରିବାକୁ ଉଦ୍ୟମ କରିବା ବେଳେ ସେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖୁବ ଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**ଭୋଗରାଇ,୩।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବର୍ତ୍ତନା ଗ୍ରାମର ଚାଷୀ ଲୁଲୁ ପରିଡ଼ା (୩୫) ସୋମବାର ମଧ୍ୟାହ୍ନରେ ଚାଷଜମିକୁ କାର୍ଯ୍ୟ କରିବାକୁ ଯାଉଥିବାବେଳେ ଅସହ୍ୟ ଗୁଳୁଗୁଳି ଓ ଖରା ତାତି ସହି ନ ପାରି ସେଠାରେ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱରପୁର ହସ୍‌ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଗରାଇ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଲୁଲୁଙ୍କ ମୃତ୍ୟୁ ଅଂଶୁଘାତରେ ହୋଇଥିବା ପରିବାରବର୍ଗ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ସ୍ତ୍ରୀଙ୍କୁ ଆଇରନ ଚେଙ୍କ, ସ୍ୱାମୀ ଗିରଫ

**ଖଇରା,୩।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଡ଼ପୋଖରୀ ଗ୍ରାମରେ ରବିବାର ଅପରାହ୍ନରେ ସ୍ତ୍ରୀକୁ ଆଇରନ ଚେଙ୍କ ଦେବା ନେଇ ଅଭିଯୋଗ ହୋଇଛି। ଖଇରା ପୋଲିସ ଘଟଣାର ତଦନ୍ତ କରି ଏକ ମାମଲା (ନଂ.୧୦୫/୧୯) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଶାନ୍ତନୁ ମହାନ୍ତିଙ୍କୁ ସୋମବାର ଗିରଫ କରିଛି। ସ୍ତ୍ରୀ ରଞ୍ଜିତା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କର ବିବାହ ଅନ୍ୟୁନ ୭ବର୍ଷ ତଳେ ହୋଇଥିଲା। ବାପଘରୁ ଅଧିକ ଯୌତୁକ ଆଣିବା ଲାଗି ତାଙ୍କୁ ସବୁବେଳେ ଶାରୀରିକ, ମାନସିକ ନିର୍ଯାତନା ଦିଆଯାଉଥିଲା। ରବିବାର ପୁନଶ୍ଚ ଏହି ଘଟଣାକୁ ନେଇ ତାଙ୍କୁ ଆଇରନ ଚେଙ୍କ ଦିଆଯାଇଥିଲା। ପରେ ଚିକିତ୍ସା ପାଇଁ ତାଙ୍କୁ ଖଇରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଥିବା ଥାନା ପକ୍ଷରୁ କୁହାଯାଇଛି।

### ପୋଡିହୋଇ ମହିଳା ଗୁରୁତର

**ବଡବିଲ, ୩।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଠାକୁରାଣୀ ଅଞ୍ଚଳର ରେଣୁ ଶର୍ମା ନାମ୍ନୀ ଜଣେ ମହିଳା ରବିବାର ବିଳମ୍ବିତ ରାତିରେ ପୋଡିହୋଇ ଗୁରୁତର ଅବସ୍ଥାରେ ତାଙ୍କୁ କଟକକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ବଡବିଲ ଥାନାରେ କୌଣସି ଖବର ନ ଥିବା ବେଳେ ମହିଳା ଜଣଙ୍କ କେମିତି ଓ କେଉଁ ପରିସ୍ଥିତିରେ ପୋଡିହେଲେ ତାହା ଜଣାପଡିନାହିଁ।



ଉଦ୍ଧାର ନାଗକୁ ଦେଖିବାକୁ ଲୋକଙ୍କ ଭିଡ଼।

# ସାପ କାମୁଡ଼ାରେ ନାବାଳିକା ମୃତ, ମହିଳା ଗୁରୁତର

**ଭଣ୍ଡାରିପୋଖରୀ, ୩।୬(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ସାପ ଆତଙ୍କ। ଏହି ଥାନା ଅଧୀନ ଦକ୍ଷିଣବାଡ଼ ପଞ୍ଚାୟତ ହାଟଡିହ ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ହୋଇ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ, ଏହି ଗ୍ରାମର ପ୍ରଫୁଲ୍ଲ ଯେନାଙ୍କ ଝିଅ ବେବିରାଣୀ(୧୧) ରବିବାର ରାତିରେ ଘରେ ଶୋଇଥିବା ବେଳେ ଭୋର ସମୟରେ କ'ଣ କାମୁଡ଼ିଦେଲା କହି ଉଠିପଡ଼ିଥିଲେ। ପରିବାର ଲୋକେ ସଙ୍ଗେସଙ୍ଗେ ତାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଯାଇଥିଲେ। ଗୁରୁତର ଥିବାରୁ ତାଙ୍କୁ ଭଦ୍ରକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବେବିଙ୍କୁ ସାପ କାମୁଡ଼ିଥିବା ପ୍ରଫୁଲ୍ଲଙ୍କ ଭଣଜା ପ୍ରଶାନ୍ତ ଭଣ୍ଡାରିପୋଖରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ ୧୨/୧୯) ରୁଜୁ କରିଛି। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ସେହିପରି ସୋମବାର ବେବିରାଣୀଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଗ୍ରାମକୁ ଆସିବା ପରେ ଶ୍ମଶାନରେ ଦାହ କରାଯାଉଥିଲା। ହାଟଡିହ ଗ୍ରାମର ବାବୁଲି ଯେନାଙ୍କ ବିବାହିତା ଝିଅ ଜୟନ୍ତୀ(୨୪) ଶବଦାହ ଦେଖି ଘରକୁ ଆସି ବସିଥିବା ବେଳେ ଏକ ବିରାଟ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଡାକ୍ତରଖାନା ନିଆଯାଇଥିଲା।

### ନାଗନାଗୁଣୀ ଉଦ୍ଧାର

ଏ ସମ୍ପର୍କରେ ଭଦ୍ରକର ସାପଧରାଳି ସେକ୍ ମିର୍ଜାଙ୍କୁ ଖବର ଦିଆଯିବା ପରେ ସେ ହାଟଡିହ ଗ୍ରାମରେ ପହଞ୍ଚି ପ୍ରଫୁଲ୍ଲ ଓ ବାବୁଲିଙ୍କ ଘରୁ ନାଗନାଗୁଣୀ ଧରିଛନ୍ତି। ନାଗନାଗୁଣୀ ମଧ୍ୟରୁ ଗୋଟିଏ ୫ ଫୁଟ ଓ ଅନ୍ୟଟି ୬ ଫୁଟର। ଉଦ୍ଧାର ନାଗନାଗୁଣୀଙ୍କୁ ଧାମନଗର ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରାଯିବ ବୋଲି ସେକ୍ ମିର୍ଜା କହିଛନ୍ତି।

# ବିଦ୍ୟୁତ୍ ଅଫିସରେ ଭଙ୍ଗାରୁଜା କଲେ ଉପଭୋକ୍ତା

**ସଜନାଗଡ଼,୩।୬(ଡି.ଏନ.ଏ.)**

ବିଦ୍ୟୁତ୍ ବିଭାଗର ଅବହେଳା ବିରୋଧରେ ଲୋକେ ପ୍ରତିବାଦ ଜଣାଇ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଯୋଧ୍ୟା ସବ୍‌ଷ୍ଟେଶନ୍ ଅଫିସ୍‌ରେ ସୋମବାର ଭଙ୍ଗାରୁଜା କରିଛନ୍ତି। ସେମାନେ ଚେୟାର, ଟେବୁଲ୍, କବାଟ ଆଦି ଉପକରଣ ଭାଙ୍ଗି ପକାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ଅଯୋଧ୍ୟା ଇଲେକ୍ଟ୍ରି ସବ୍‌ଷ୍ଟେଶନ୍‌ରେ ଅଧୀନସ୍ଥ ବିଭିନ୍ନ ପଞ୍ଚାୟତକୁ ଉପଯୁକ୍ତ ବିଦ୍ୟୁତ୍ ସେବା ମିଳୁ ନାହିଁ। ହିତାଧିକାରୀମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ପ୍ରତିକାର ହେଉ ନାହିଁ। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଅଘୋଷିତ ବିଜୁଳି କାଟ୍ ଜନଜୀବନକୁ ଅତିଷ୍ଠ କରିଛି। ଗତ ୩ଦିନ ଧରି ତେନ୍ତୁଳିଆ, ମାଟିଆଳି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଗ୍ରାମବାସୀ ବିଦ୍ୟୁତ୍ ବିଭାଗ ସହ ଯୋଗାଯୋଗ କରିବାରୁ ରବିବାର ସନ୍ଧ୍ୟାରେ ଲାଇନ ଆସିଥିଲା। ରାତିରେ ପୁଣି ବିଦ୍ୟୁତ ଚାଲି ଯିବାରୁ ଲୋକେ ଅନ୍ଧାରେ ରହିଥିଲେ। ସେମାବର ପୂର୍ବାହ୍ନରେ ସ୍ଥାନୀୟ ଲୋକେ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି କର୍ମଚାରୀ ଆସି ନ ଥିଲେ। ଏହି ଘଟଣାରେ ଉତ୍ତ୍ୟକ୍ତ ଲୋକେ ବିଦ୍ୟୁତ୍ ଅଫିସ୍ ଉପରେ ଚଢାଉ କରି ଭଙ୍ଗାରୁଜା କରିଛନ୍ତି। ଆବଶ୍ୟକ କର୍ମଚାରୀ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।

# ପରାଜୟର ସମୀକ୍ଷା କଲା ଜଳେଶ୍ୱର କଂଗ୍ରେସ

**ଜଳେଶ୍ୱର,୩।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀରେ ଏଥର ନିର୍ବାଚନ ଲଢି। ଜାତୀୟ କଂଗ୍ରେସ ଦଳର ପ୍ରାର୍ଥୀ ସୁଦର୍ଶନ ଦାସ ଶୋଚନୀୟ ପରାଜିତ ହୋଇଥବବାରୁ ଦଳ ପକ୍ଷରୁ ଏହାର ସମୀକ୍ଷା କରାଯାଇଥିଲା। ସମୀକ୍ଷା ବୈଠକରେ ୪ଟି ଜିଲାପରିଷଦ କ୍ଷେତ୍ର ଓ ଜଳେଶ୍ୱର ମ୍ୟୁନିସିପାଲିଟି ସହିତ ବସ୍ତା ଜୋନ୍‌ରେ ଥିବା ୧୪ଟି ପଞ୍ଚାୟତର ଥିବା ଦଳୀୟ କର୍ମୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରୁ କିଭଳି ସୁଦୃଢ଼ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ସମୀକ୍ଷା ବୈଠକରେ ଦଳର ବିଧାୟକ ପ୍ରାର୍ଥୀ ତଥା ପିସିସି ମୁଖପାତ୍ର ସୁଦର୍ଶନଙ୍କ ସମେତ ସତ୍ୟନାରାୟଣ ଗୁପ୍ତା, ସୂର୍ଯ୍ୟ ଘୋଷ, ଅଜୟ ସାହୁ, ବ୍ରହ୍ମାନନ୍ଦ ଦାସ, ସରୋଜିନୀ ଘୋଷ, ପଦ୍ମଲୋଚନ ବେହେରା, ତ୍ରିଲୋଚନ ନାୟକ, ସୁଶାନ୍ତ ପ୍ରଧାନ, ବିରେନ ଦେ, କ୍ଷୀତିଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମୋଟରସାଇକେଲ ଉପରେ ମାଡ଼ିଗଲା ଟ୍ରକ୍, ଜଣେ ମୃତ

**କେନ୍ଦୁଝର, ୩।୬(ଡି.ଏନ୍.ଏ./ସ୍ୱ.ପ୍ର.)**

୨୦ ନଂ ଜାତୀୟ ରାଜପଥର ନଳାଘାଟସାହି ନିକଟରେ ଏକ ଟ୍ରକ୍ ମୋଟର ସାଇକେଲ ଉପରେ ମାଡିଯିବାରୁ ଜଣେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡିଛି। ସୋମବାର ମଧ୍ୟାହ୍ନରେ କେନ୍ଦୁଝର ପୁରୁଣା ବଜାର ଅଞ୍ଚଳର ଅଭିମନ୍ୟୁ ଜେନା ଓ ସନାତନ ନାଏକ ଏକ ମୋଟର ସାଇକେଲରେ ନିଜ ଘରକୁ ଯାଉଥିଲେ। ନଳାଘାଟ ସାହି ନିକଟରେ ସମ୍ମୁଖ ଭାଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ମୋଟର ସାଇକେଲର ପଛରେ ବସିଥିବା ସନାତନ ନାଏକ ଛିଟିକି ପଡିଥିଲେ ଓ ତାଙ୍କ ଗୋଡ ଉପରେ ଟ୍ରକଟି ମାଡି ଚାଲିଯାଇଥିଲା। ସନାତନଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବାବେଳେ ଚାଳକ ଅଭିମନ୍ୟୁଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସନାତନଙ୍କର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୋଲିସ ଟ୍ରକକୁ ଧରିବାକୁ ପ୍ରୟାସ ଜାରି ରଖିବା ସହ ଘଟଣାର ତଦନ୍ତ ଚଳାଇଛି।



ସୋଟୋକାନ୍ କରାଟେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବାଲେଶ୍ୱରର ପ୍ରତିଯୋଗୀ।

## ସୋଟୋକାନ୍ କରାଟେ ଅନ୍ତର୍ଜାତୀୟ ପ୍ରତିଯୋଗିତା

# ସତ୍ୟବ୍ରତ, ଦେବଜ୍ୟୋତି, ଦେବାଶିଷଙ୍କୁ ସ୍ୱର୍ଣ୍ଣ

**ବାଲେଶ୍ୱର ଅଫିସ,୩।୬**

ଗୋଆ ପଣଜୀଠାରେ ଡନ୍ ବସ୍କୋ ସ୍କୁଲର ୱାର୍ଲ୍ଡ ଟ୍ରାଡିଶନାଲ ସୋଟୋକାନ୍ କରାଟେ ଫେଡେରେଶନ ଆନୁକୂଲ୍ୟରେ ଗତମାସ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ଏଥିରେ ବାଲେଶ୍ୱର ସହରସ୍ଥିତ ଫିଟ୍-ଟୁ-ଫାଇଟ୍ କରାଟେ ସେଣ୍ଟରର ସଦସ୍ୟମାନେ ଭାଗନେଇ ୩ ସ୍ୱର୍ଣ୍ଣ, ୨ ସିଲ୍‌ଭର ଓ ୯ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟର ଗୌରବ ବଢ଼ାଇଛନ୍ତି।

ଅନୁଷ୍ଠାନ ସୂତ୍ରରୁ ଜଣାଯାଇଛି ଯେ, ଗତ ୨୦୧୮ ସେପ୍ଟେମ୍ବରରେ ବାଲେଶ୍ୱର ଟାଉନ ହଲ୍‌ଠାରେ ସୋଟୋକାନ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ସଫଳ କରାଟେକାମାନଙ୍କୁ ଗୋଆର ପାନାଜୀକୁ ପଠାଯାଇଥିଲା। ସେଠାରେ ପ୍ରତିଯୋଗୀ ସତ୍ୟବ୍ରତ ଉପାଧ୍ୟାୟ କାଟା ବିଭାଗରେ ସ୍ୱର୍ଣ୍ଣ, କୁମିତେ(ଫାଇଟିଂ) ବିଭାଗରେ ରୌପ୍ୟ, ଟିମ୍ କାଟାରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ଦେବଜ୍ୟୋତି ମହାନ୍ତି କୁମିତେ ଓ ଦେବାଶିଷ ପଣ୍ଡା କାଟା ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଜୟଦେବ ଭଟ୍ଟାଚାର୍ଯ୍ୟ କାଟା ବିଭାଗରେ ରୌପ୍ୟ ଏବଂ କୌଶଲ ବିଶ୍ୱାଲ, କ୍ରିସ୍ ମୁଖାର୍ଜୀ, ବରୁଣ ଦାସମହାପାତ୍ର, ବିନିତ୍ ପ୍ରଧାନ, ଅଜିତେଷ ଦାସ, ସୋଭିତ୍ କୁମାର ବେହେରା, ସ୍ନେହା ବେରା, ଦିବ୍ୟଲିପ୍ସା ସ୍ୱାଇଁ କୁମିତେ ବିଭାଗରେ ବ୍ରୋଞ୍ଜ ପଦ ହାସଲ କରିପାରିଛନ୍ତି। ବିଶ୍ୱ ସୋଟୋକାନ୍ କରାଟେ ମୁଖ୍ୟ ସେନ୍‌ସାଇ ରିଚାର୍ଡ଼ ଓମୋସ୍ ଏବଂ ଭାରତ ସୋଟୋକାନ୍ କରାଟେ ମୁଖ୍ୟ ସେନ୍‌ସାଇ ସତ୍ୟଜିତ୍ ଚୌଧୁରୀ ଆୟୋଜିତ ଉତ୍ସବରେ ଉପସ୍ଥିତ ରହି ଏହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଭଳି ସଫଳତା ପାଇଁ ଏହି ଖେଳାଳିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସୋମବାର ସନ୍ଧ୍ୟା ୬ଟା ସମୟରେ ଅନୁଷ୍ଠାନ ତରଫରୁ ଆୟୋଜିତ ଏକ ଉତ୍ସବରେ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟ ପ୍ରଶିକ୍ଷକ ମନୋରଞ୍ଜନ ଆଚାର୍ଯ୍ୟ, ପ୍ରଶିକ୍ଷକ ମନୋରଞ୍ଜନ ଜେନାଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଉପସ୍ଥିତ ଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ